

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୬ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 JULY 2021

Vol.No. 32 ■ No. 180 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଗଷ୍ଟ ପହିଲା ଯାଏଁ ବଢ଼ିଲା ଆଂଶିକ ଲକଡାଉନ୍



ଭୁବନେଶ୍ୱର,୧୫/୦୭(ନି.ପ୍ର): ଆସନ୍ତାକାଲି ଆଂଶିକ ଲକଡାଉନ ଅବଧି ଶେଷ ହେଉଥିବାରୁ କଟକଣା କୋହଳ ହେବ ନା ପୂର୍ବଭଳି ବଳବତ୍ତର ରହିବ, ଏହାକୁ ନେଇ ରାଜ୍ୟବାସୀ ଚାହିଁ ରହିଥିବାବେଳେ ଆଂଶିକ ଲକଡାଉନ କଟକଣାକୁ ଅଗଷ୍ଟ ୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି ରାଜ୍ୟ ସରକାର । ପୂର୍ବଭଳି ଏଥର ମଧ୍ୟ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ରାଜ୍ୟର ୩୦ ଜିଲ୍ଲାକୁ ଦୁଇଟି କାଟାଗୋରୀରେ ରଖି କଟକଣାକୁ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ପଶ୍ଚିମ ଓଡିଶା ଓ ଦକ୍ଷିଣ ଓଡିଶାର ୧୭ ଜିଲ୍ଲା ସମେତ କେନ୍ଦୁଝର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ କାଟାଗୋରୀ 'ଏ'ରେ ଓ ଅବିଭକ୍ତ ପୁରୀ, କଟକ, ବାଲେଶ୍ୱର ଓ ମୟୂରଭଞ୍ଜର ୧୦ଟି ଜିଲ୍ଲାକୁ କାଟାଗୋରୀ 'ବି'ରେ ରଖାଯାଇଛି । ପୁଣି ଥରେ ସଂକ୍ରମଣ ହାର କମ୍ ବେଶୀ ଥିବା ଦର୍ଶାଇ ସାରା ଓଡିଶାକୁ ଦୁଇ ଭାଗରେ ବାଣ୍ଟି ଲକଡାଉନ ଅବଧିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ପୂର୍ବଭଳି ଅପେକ୍ଷାକୃତ ସଂକ୍ରମଣ ହାର କମ୍ ଥିବା ପଶ୍ଚିମ ଓ ଦକ୍ଷିଣ ଓଡିଶାର ୧୭ ଜିଲ୍ଲା ସମେତ ଢେଙ୍କାନାଳ, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାକୁ କାଟାଗୋରୀ 'ଏ'ରେ ରଖାଯାଇଛି । କାଟାଗୋରୀ 'ଏ'ରେ ଥିବା ଜିଲ୍ଲା ଗୁଡିକରେ- ସପ୍ତାହକ ସାତ ଦିନ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ଖୋଲିବ, ରାତି ୮ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ, ସପ୍ତାହନ୍ତ ସଟଡାଉନ ରହିବ ନାହିଁ, ସାପ୍ତାହିକ ଓ ଦୈନିକ ହାଟ ଖୋଲିବ । ସେହିପରି ଉପକୂଳ ଓ ଉତ୍ତର ଓଡିଶାର ୧୦ ଜିଲ୍ଲାକୁ କାଟାଗୋରୀ 'ବି'ରେ ରଖିଛନ୍ତି ରାଜ୍ୟ ସରକାର । ଏସବୁ ଜିଲ୍ଲାରେ ସଂକ୍ରମଣ ଅଧିକ ରହୁଥିବାରୁ ସରକାର ଏହା ଉପରେ ତୀକ୍ଷଣ ଦୃଷ୍ଟି ରଖିଛନ୍ତି । କାଟାଗୋରୀ 'ବି'ରେ ଥିବା ଜିଲ୍ଲା ଗୁଡିକରେ ସୋମବାରରୁ ଶୁକ୍ରବାର ୫ଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏଁ ଦୋକାନ ବଜାର ଖୋଲିବ । ଶନିବାର ଓ ରବିବାର ସପ୍ତାହନ୍ତ ସଟଡାଉନ ରହିବ, ସନ୍ଧ୍ୟା ୫ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ, ସାପ୍ତାହିକ ଓ ଦୈନିକ ହାଟ ବନ୍ଦ ରହିବ, ଅଗଷ୍ଟ ୧ ପର୍ଯ୍ୟନ୍ତ ଆଂଶିକ ଲକଡାଉନ ସିନା ଲାଗିଲା ହେଲେ, ଜିମ୍, ସ୍ପା , ବିଉଟି ପାର୍ଲରକୁ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି । ଫଳରେ ଏହା ଉପରେ ନିର୍ଭରଶୀଳ ଥିବା ଲୋକଙ୍କ ଜୀବିକା ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଉଛି । ତେବେ ଜୀବନ ଜୀବିକା ସହ ସମନ୍ୱୟ ରକ୍ଷା କରିବାକୁ ଯାଇ ପୂର୍ବ ଅପେକ୍ଷା ଏଥର କେତେକ କ୍ଷେତ୍ରରେ କଟକଣାକୁ କୋହଳ କରିଛନ୍ତି ।

## ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିସ୍ ରାଓ୍ୱତଙ୍କ ସଂକେତ

# ସିଦ୍ଧୁ ହେବେ ପଞ୍ଜାବ କଂଗ୍ରେସର ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ ରହିବେ ଅମରିନ୍ଦର ସିଂ



ନୂଆଦିଲ୍ଲୀ,୧୫/୦୭: ପଞ୍ଜାବ କଂଗ୍ରେସରେ ଚାଲିଥିବା କଳହକୁ ନେଇ ପ୍ରଭାରୀ ହରିସ୍ ରାଓ୍ୱତ ଏକ ବଡ ବୟାନ ଦେଇଛନ୍ତି । ସେ ତାଙ୍କ ବୟାନରେ କହିଛନ୍ତି କି ରାଜ୍ୟରେ କଂଗ୍ରେସ ଦଳ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ସେ ଏକ ଉପାୟ ବାହାର କରିଛନ୍ତି । କ୍ୟାପଟେନ ଅମରିନ୍ଦର ସିଂ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ରହିବେ ଓ ବିବାଦ ବଢାଉଥିବା ନବଜୋତ୍ ସିଂ ସିଦ୍ଧୁ ରାଜ୍ୟ କଂଗ୍ରେସର ଅଧ୍ୟକ୍ଷ ରହିବେ । ଏହା ସହ ରାଜ୍ୟ କଂଗ୍ରେସରେ ଦୁଇଜଣ ଉପ-ସଭାପତି ବି ରହିବେ ଓ ସେମାନେ ଦଳିତ ଓ ହିନ୍ଦୁ ସମୁଦାୟରୁ ନିର୍ବାଚିତ ହେବେ । ଏନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡିଛି । କହିରଖୁ କି ବର୍ତମାନ ପଞ୍ଜାବ କଂଗ୍ରେସର ଅଧ୍ୟକ୍ଷ ରହିଛନ୍ତି ସୁନୀଲ ଜାଖଡ । ଅନ୍ୟପଟେ ୨୦୨୨ ରେ ପଞ୍ଜାବ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହା ପୂର୍ବରୁ ରାଜ୍ୟ କ୍ୟାବିନେଟରେ କିଛି ନୂଆ ଚେହେରା ପ୍ରବେଶ କରିବା ନେଇ ବି ଅନୁମାନ କରାଯାଉଛି । ଏହାସହ ପଞ୍ଜାବ କଂଗ୍ରେସରେ ଚାଲିଥିବା କହଳକୁ ନେଇ ବୁଧବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦଳର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦଳର ମହାସଚିବ କେ.ସି ବେଣୁଗୋପାଳ, ପ୍ରିୟଙ୍କା ଗାନ୍ଧୀ ଓ ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିସ୍ ରାଓ୍ୱତ ଯୋଗ ଦେଇ ଚର୍ଚ୍ଚା କରିଥିଲେ । ହରିସ୍ ରାଓ୍ୱତ ପଞ୍ଜାବ କଂଗ୍ରେସର ଚାଲିଥିବା ଦ୍ୱନ୍ଦକୁ ନେଇ କହିଛନ୍ତି କି ଆସନ୍ତା ୩/୪ ଦିନ ମଧ୍ୟରେ ପଞ୍ଜାବ କଂଗ୍ରେସ ପାଇଁ ଖୁସି ଖବର ଆସିବ ଓ ଏହାଦ୍ୱାରା କର୍ମୀ ଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଖୁସି ହେବେ ।

## ଅଫଲାଇନ୍‌ରେ ପରୀକ୍ଷା ଦେବାକୁ ୧୫,୧୫୫ ପିଲାଙ୍କ ଆବେଦନ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ମାଟ୍ରିକ୍ ରେ ଅଫ୍‌ଲାଇନ୍ ପରୀକ୍ଷା ଦେବା ଲାଗି ଆବେଦନ ତାରିଖ ଶେଷ ହୋଇଛି। ମୋଟ ୧୫,୧୫୫ ଛାତ୍ରଛାତ୍ରୀ ଅଫଲାଇନ୍ ରେ ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି। ଅଫଲାଇନ ପରୀକ୍ଷା ଦେବାକୁ ଦଶମ ଶ୍ରେଣୀର ୬୫୯୬ ପିଲା ଆବେଦନ କରିଛନ୍ତି । ସେହିପରି ଅଫ୍ ଲାଇନ୍ ରେ ରାଜ୍ୟ ଓପନ ସ୍କୁଲ ଲାଗି ୮୪୯୩ ପିଲା ଏବଂ ମଧ୍ୟମା ପରୀକ୍ଷା ଦେବାକୁ ୬୬ ପିଲାଙ୍କ ଆବେଦନ କରିଛନ୍ତି।

## ଜୁଲାଇ ମାସର ମୋଟର ଯାନ ଟିକସ ଛାଡ଼ କଲେ ସରକାର

ଭୁବନେଶ୍ୱର,୧୫/୦୭(ନି.ପ୍ର): ରାଜ୍ୟରେ କରୋନା କଟକଣାକୁ କୋହଳ କରି ଆସନ୍ତାକାଲିଠୁ ବସ୍ ଚଳାଚଳ ପାଇଁ ଅନୁମତି ଦେଇଥିବା ରାଜ୍ୟ ସରକାର ଆଜି ଜୁଲାଇ ମାସ ପାଇଁ ମୋଟର ଯାନ ଟିକସକୁ ମଧ୍ୟ ଛାଡ଼ କରିଛନ୍ତି। ସମସ୍ତ ଯାତ୍ରୀବାହୀ ମୋଟର ଯାନ ଓ ଶିକ୍ଷାନୁଷ୍ଠାନର ବସଗୁଡ଼ିକୁ ଟିକସ ଛାଡ଼ର ଫାଇଦା ମିଳିବ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ କୋଭିଡ୍ କଟକଣା ଯୋଗୁ ଆନ୍ତଃ ରାଜ୍ୟ ବସ୍ ଚଳାଚଳ ବନ୍ଦ ଥିବାବେଳେ ଅନ୍ତ ରାଜ୍ୟ ବସ୍ ଚଳାଚଳ ମଧ୍ୟ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମୋଟର ଯାନ ଟିକସ ଆଇନ- ୧୯୭୫ର ଧାରା ୧୫(୧) ପ୍ରାବଧାନ ଆଧାରରେ ଜୁଲାଇ ମାସର ଟିକସ ଛାଡ଼ କରିଛନ୍ତି।

# ୧୫ଶହ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ନରେନ୍ଦ୍ର ମୋଦି



ନୂଆଦିଲ୍ଲୀ,୧୫/୦୭: ଆଜି ସଂସଦୀୟ କ୍ଷେତ୍ର ବାରଣାସୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ଶହ କୋଟି ଟଙ୍କାର ଭିନ୍ନ ଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହା ପ୍ରଧାନମନ୍ତ୍ରୀଙ୍କ ୨୭ତମ ଯାତ୍ରା । ଆସନ୍ତୁ ଜାଣିବା ମୋଦିଙ୍କ ବାରଣାସୀ ଗସ୍ତର କିଛି ଖାସ କଥା । ବାରଣାସୀ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀରେ ପହଁଚି ଲୋକଙ୍କୁ ସମ୍ବୋଧନ କରିଛନ୍ତି ଆଉ ଭୋଜପୁରୀ ଭାଷାରୁ ଆରମ୍ଭ କରିଛନ୍ତି ନିଜ ଅଭିଭାଷଣ । ମୋଦି ନିଜ ଅଭିଭାଷଣରେ କରୋନାର ୨ୟ ଲହର ବିଷୟରେ କହିଛନ୍ତି । ଏହି ସମୟରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କାର୍ଯ୍ୟଶୈଳୀର ଭରପୂର ପ୍ରଶଂସା କରିଛନ୍ତି ମୋଦି । ନିଜର ଏହି ଯାତ୍ରାରେ ପ୍ରଧାନମନ୍ତ୍ରୀ ଗଙ୍ଗା ଆରତୀର ସିଧା ପ୍ରସାରଣ ପାଇଁ ଏଲଇଡି ସ୍କ୍ରିନ ଲଗାଇବା ପାଇଁ ଘୋଷଣା କରିଛନ୍ତି । ମୋଦି କହିଛନ୍ତି ପୁରା କାଶୀରେ ଦେଖିବାକୁ ମିଳିବ ଗଙ୍ଗା ଆରତୀର ସିଧା ପ୍ରସାରଣ । ଖାଲି ସେତିକି ନୁହେଁ, ଏହି ଅବସରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଗସ୍ତ କରିଛନ୍ତି ମୋଦି । ସେଠାରେ ମାତୃ ଏବଂ ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ଶହେ ଶଯ୍ୟା ବିଶିଷ୍ଟ ହେଲଥ ୱିଙ୍ଗ ବୁଲି ଦେଖିଛନ୍ତି ପ୍ରଧାନମନ୍ତ୍ରୀ । ସେହିପରି ରୁଦ୍ରାକ୍ଷ ସେଣ୍ଟର ମଧ୍ୟ ଉଦଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ପୁରୁଣା ସରକାର ସହ ଯୋଗୀ ସରକାରଙ୍କ କାର୍ଯ୍ୟଶୈଳୀ ତୁଳନା କରିଛନ୍ତି । ସେ କହିଛନ୍ତି ଯୋଗୀ ଆଦିତ୍ୟନାଥଙ୍କ ପରିଶ୍ରମରେ ଉତ୍ତର ପ୍ରଦେଶ ବିକାଶଶୀଳ ରାଷ୍ଟ୍ର ହୋଇ ପାରିଛି ।

## ଏନକାଉଂଟରରେ ତିନି ମାଓବାଦୀ ମୃତ

ରାୟପୁର,୧୫/୦୭ (ନି.ପ୍ର): ଛତିଶଗଡର ଦନ୍ତେବାଡା ଜିଲ୍ଲାରେ ପୋଲିସ ବଳର ଜବାନ ମାନଙ୍କ ସହ ଗୁଳି ବିନିମୟରେ ତିନି ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଦନ୍ତେବାଡା ଏସପି ଅଭିଷେକ ପଲ୍ଲବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଦନ୍ତେବାଡାର ଫରସପାଲ ଅଂଚଳରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ଓ ମାଓବାଦୀ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ତିନି ଜଣ ମାଓବାଦୀ ମୃତ୍ୟୁ ବରଣ କରିଥିଲେ । ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ଉପରେ ଏକ ଲକ୍ଷ ଟଙ୍କାର ପୁରସ୍କାର ଥିଲା । ସେମାନଙ୍କ ଠାରୁ ଦେଶୀ ପିସ୍ତଲ ଓ ୩ କିଲୋ ଆଇଇଡି ଜବତ କରା ଯାଇଥିବା ସେ ସୂଚନା ଦେଇଛନ୍ତି ।

# ନିର୍ମାଣ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା ପ୍ରଦାନ

## ୨୬ ଲକ୍ଷ ଶ୍ରମିକ ପାଇଲେ ୩୮୫ କୋଟି



ଭୁବନେଶ୍ୱର,୧୫/୦୭(ନି.ପ୍ର): ଗରିବ ଲୋକଙ୍କୁ ତାଙ୍କ ଅଧିକାରରୁ କେହି ବି ବଞ୍ଚିତ କରିପାରିବେ ନାହିଁ। ଗରିବ ଲୋକଙ୍କର ସମ୍ମାନର ସହ ବଞ୍ଚିବାର ସମସ୍ତ ଅଧିକାର ରହିଛି । ଆଜି ନିର୍ମାଣ ଶ୍ରମିକ ମାନଙ୍କୁ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୋଭିଡ ସହାୟତା ପ୍ରଦାନ କରିବା ସହ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ପ୍ୟାକେଜରେ ପ୍ରତି ପଞ୍ଜୀକୃତ ନିର୍ମାଣ ଶ୍ରମିକ ୧୫୦୦ ଟଙ୍କା ଲେଖାଏ ପାଇଛନ୍ତି । ଗତ ବର୍ଷ ମଧ୍ୟ କୋଭିଡର ପ୍ରଥମ ଲହର ସମୟରେ ନିର୍ମାଣ ଶ୍ରମିକ ମାନଙ୍କୁ ୧୫୦୦ ଟଙ୍କା ଲେଖାଏ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଭିଡ ସମୟରେ ଏହି ସହାୟତା ନିର୍ମାଣ ଶ୍ରମିକଙ୍କ ଅସୁବିଧାକୁ ହ୍ରାସ କରିବାରେ ସହାୟକ ହେବ । ଅର୍ଥନୀତିରେ ଶ୍ରମିକ ମାନଙ୍କ ଗୁରୁତ୍ୱ ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରମିକ ମାନଙ୍କ କଲ୍ୟାଣ ବିନା ଅର୍ଥନୀତି କେବେ ବି ସମୃଦ୍ଧ ହୋଇପାରିବ ନାହିଁ । ନିର୍ମାଣ ଶ୍ରମିକ ମାନଙ୍କୁ ଜଣେ ଜଣେ ବିଶ୍ୱକର୍ମା ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନ୍ୟର ସୁବିଧା ପାଇଁ ସେମାନେ ନିଜ ସୁଖକୁ ଭୁଲିଯାନ୍ତି । ଖରାକୁ ପିଠି ଦେଖାଇ ବଡ ବଡ କୋଠା ତିଆରି କରନ୍ତି । ନିଜେ ଜଳି ଅନ୍ୟକୁ ▶▶ପୃଷ୍ଠା ୭

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳର ୬ ଘଂଟିଆ ବନ୍ଦ ପାଳନ




ଭୁବନେଶ୍ୱର,୧୫/୦୭ (ନି.ପ୍ର): ଡିଜେଲ, ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ୪ଟି ବାମପନ୍ଥୀ ଦଳ ପକ୍ଷରୁ ୬ଘଂଟିଆ ଓଡ଼ିଶା ବନ୍ଦ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ରାଜଧାନୀର ବିଭିନ୍ନ ସ୍ଥାନରେ ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମଏଲ୍) ଲିବରେସନ ଓ ଫରୱାର୍ଡ ବ୍ଲକ, ବିଭିନ୍ନ ଗଣସଂଗଠନର କର୍ମୀମାନେ ବନ୍ଦ ସପକ୍ଷରେ ପିକେଟିଂ କରିଥିଲେ। ଗୁରୁବାର ସକାଳେ ଶତାଧିକ ସିପିଆଇ କର୍ମୀ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାମକୃଷ୍ଣ ପଣ୍ଡା, ସୁର ଜେନା, ଜୟନ୍ତ ଦାସ ଓ ବିଜୟ ଜେନାଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାଇ ବିଶାଖାପାଟଣା ଅଭିମୁଖେ ଯାଉଥିବା ଟ୍ରେନ୍‌କୁ ଅଟକାଇବା ସଙ୍ଗେ ସଙ୍ଗେ ରେଳଧାରଣା ଉପରେ ବସିରହି ଅନ୍ୟାନ୍ୟ ଟ୍ରେନ୍‌କୁ ଅଟକାଇଥିଲେ। ଏହାପରେ ଦିବା ୧୦ଟା ସମୟରେ ମାଷ୍ଟରକ୍ୟାଂଟିନ ଛକରେ ମିଳିତ ଶୋଭାଯାତ୍ରା ଓ ପିକେଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସୁରେଶ କୁମାର ରାଉତରାୟ, ସିପିଆଇର ଆଶିଷ କାନୁନ୍‌ଗୋ, ରାମକୃଷ୍ଣ ପଣ୍ଡା ଓ ସୁର ଜେନା, ▶▶ପୃଷ୍ଠା ୭

# 'ହୁ' ମୁଖ୍ୟଙ୍କ ଚେତାବନୀ

## ବିଶ୍ୱରେ ଆରମ୍ଭ ହୋଇଛି ତୃତୀୟ ଲହର, ବଢ଼ୁଛି ଡେଲଟା ଭାରିଆଣ୍ଟ ସଂକ୍ରମଣ



ନୂଆଦିଲ୍ଲୀ,୧୫/୦୭: ବିଶ୍ୱରେ କରୋନାର ତୃତୀୟ ଲହର ଆରମ୍ଭ ହୋଇଯାଇଥିବା କଥା 'ହୁ' ର ମୁଖ୍ୟ ଟେଡ୍ରୋସ୍ ଆନ୍ଧାନୋମ ଘେବ୍ରେୟେସସ୍ ସୂଚନା ଦେଇଛନ୍ତି । ତୃତୀୟ ଲହର ବେଳେ ଡେଲଟା ଭାରିଆଣ୍ଟ ଅଧିକ ବିପଦ ଆଣୁଥିବାରୁ ସେ ବିଶ୍ୱବାସୀଙ୍କ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ୧୧୧ଦେଶରେ ଏବେ କରୋନାର ଡେଲଟା ଭାରିଆଣ୍ଟ ଲୋକଙ୍କୁ ସଂକ୍ରମିତ କଲାଣି । ଯଦି ଏବେଠୁ ସତର୍କ ନହେବା ତେବେ ଏହା ପୂର୍ବ ଭାରିଆଣ୍ଟ ଭଳି ସାରା ବିଶ୍ୱରେ ତାଣ୍ଡବ ରଚିବ । ବର୍ତ୍ତମାନ କିଛି ଦେଶରେ ସଂକ୍ରମଣ କମ ରହିଥିବା ବେଳେ ଲୋକେ କରୋନା କଟକଣା ▶▶ପୃଷ୍ଠା ୭

# ରାଷ୍ଟ୍ରୀୟ ରାଜନୀତିରେ ମମତା

## ଜୁଲାଇ ୨୫ ରେ ଦିଲ୍ଲୀରେ ବିରୋଧୀଦଳ ନେତାଙ୍କୁ ସାକ୍ଷାତ କରିବା ନେଇ ଅଟକଳ



ପଶ୍ଚିମବଙ୍ଗ,୧୫/୦୭ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟ ପରେ ଏବେ ରାଷ୍ଟ୍ରୀୟ ରାଜନୀତି ପ୍ରତି ଇଚ୍ଛା ପ୍ରକାଶ କରିଛନ୍ତି ମମତା ବାନାର୍ଜୀ । ତୃତୀୟଥର ମୁଖ୍ୟମନ୍ତ୍ରୀ ହେବା ପରେ ଜୁଲାଇ ୨୫ ତାରିଖରେ ସେ ପ୍ରଥମଥର ପାଇଁ ଦିଲ୍ଲୀ ଆସୁଛନ୍ତି ବୋଲି ସୂଚନା ମିଳିଛି । ଏହି ଗସ୍ତ ସମୟରେ ସେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସହ ତମାମ୍ ବିରୋଧୀଦଳ ନେତାଙ୍କୁ ଭେଟି ୨୦୨୪ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଉପରେ ଆଲୋଚନା କରିପାରନ୍ତି । ମମତାଙ୍କ ଦିଲ୍ଲୀ ଗସ୍ତ ସୂଚନା ପାଇବା ପରେ ରାଷ୍ଟ୍ରୀୟ ରାଜନୀତି ବେସ୍ ସରଗରମ ହେବାରେ ଲାଗିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମମତା ବାନାର୍ଜୀ ତାଙ୍କର ଏହି ଗସ୍ତ ସମୟରେ ସୋନିଆ ଗାନ୍ଧୀଙ୍କ ସମେତ ଏନସିପି ମୁଖ୍ୟ ଶରଦ ପାଓ୍ୱାର, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ,ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସହ ଅନ୍ୟ କିଛି ବିରୋଧୀଦଳର ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । କହିରଖୁ କି ମମତା ବାନାର୍ଜୀ ଯେଉଁ ସମୟରେ ଦିଲ୍ଲୀ ଆସୁଛନ୍ତି ସେତେବେଳେ ସଂସଦରେ ମୌସୁମୀ ▶▶ପୃଷ୍ଠା ୭

# ଆଗାମୀ ୩ଦିନ ଯାଏଁ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୧୫/୦୭(ନି.ପ୍ର): ଆଗାମୀ ୩ଦିନ ଯାଏଁ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛି କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୁବର୍ଣ୍ଣପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ । ଉକ୍ତ ଜିଲ୍ଲାଗୁଡ଼ିକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୧୬ରୁ ୧୭ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼ ଓ କନ୍ଧମାଳ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ▶▶ପୃଷ୍ଠା ୭

# ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବିରେ ସ୍ମାରକପତ୍ର

ବାଲେଶ୍ୱର,୧୫/୭ (ନି.ପ୍ର): ଦେଶର ଜନସଂଖ୍ୟା ବିସ୍ଫୋରଣ ରୋକିବାକୁ ସଶକ୍ତ ଆଇନ ପ୍ରଣୟନ ଦାବିରେ 'ଜନସଂଖ୍ୟା ସମାଧାନ ଫାଉଣ୍ଡେସନ' ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା ଜନସଂଖ୍ୟା ଆଗାମୀ ଦିନରେ ଦେଶର ପ୍ରତିଟି କ୍ଷେତ୍ର ପାଇଁ ନାନା ସମସ୍ୟା ସୃଷ୍ଟି କରିବ ବୋଲି ଫାଉଣ୍ଡେସନର ପ୍ରତିନିଧିମାନେ କହିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘଦିନ ଧରି ସଚେତନତା କରାଯିବା ପରେ ଏବେ ନୂତନ ଆଇନ ପ୍ରଣୟନର ସମୟ ଉପନୀତ ହୋଇଛି। ଚୀନ ଭଳି ଭାରତରେ ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ସଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ନିମନ୍ତେ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ, ଜିଲା ସଭାପତି ଯତୀନ୍ଦ୍ର କୁମାର ପୁହାଣ, ସୀତାରାମ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ବୃକ୍ଷରୋପଣ



ଧାମନଗର ,୧୫/୭ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ସପ୍ତାଘର ପରିସରରେ ଓଡ଼ିଶାର ସର୍ବ ପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘ ଏବଂ ସମ୍ବାଦ (ଆମ ଓଡ଼ିଶା) ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥିଭାବେ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯତୀନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଂଚ ତଥା ବାଣୀକବି ଦୟାନିଧି ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ପୂର୍ବତନ ସରପଂଚ ସୁବାଷ ମହାକୁଡ, ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ଶ୍ରୀକାନ୍ତ ନାୟକ, ସଂଘର ଉପଦେଷ୍ଟା ପ୍ରକାଶ ମହାପାତ୍ର, ରାମଚନ୍ଦ୍ର ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ଜିଲ୍ଲା ଉପସଭାପତି ସୁଧାକର ଦାଶ, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ପ୍ରଖ୍ୟାତ ଚିତ୍ର ଶିଳ୍ପୀ ପ୍ରଭାତ ଜେନା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧନ ଧର, ଅଭୟ ସାହୁ, ସଂଜୀବ ମହାନ୍ତି, ଜଗନ୍ନାଥ ବେହେରା, ମାନଗୋବିନ୍ଦ ନାୟକ, ସଂଜୀବ ନାୟକ, ମାନସ ପରିଡ଼ା, ପ୍ରଦୀପ ବାରିକ, ପିତାମ୍ବର ଦାସ, ମନୋଜ ବାରିକ, ପ୍ରଶାନ୍ତ ସାହୁ, ରାଧାବଲ୍ଲଭପୁର ସରପଂଚ ଶ୍ରୀମତୀ ଟୁନିବାଳା ବିଶ୍ୱାଳ, ସମାଜସେବୀ ଚଗୁଲୁ ପଣ୍ଡା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାନ ମହତଦାନ ଓ ଏହାର ବିକଳ୍ପ ନାହିଁ ବୋଲି କହିଥିବାବେଳେ ମହତ ଦାନୀ ମାନଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ତଥା ସମ୍ବାଦ ଖବର କାଗଜର ସ୍ଥାନୀୟ ପ୍ରତିନିଧି ସାମ୍ବାଦିକ ସନ୍ତୋଷ ଦାସ ଏବଂ ସମ୍ବାଦର ଧାମନଗର ପ୍ରତିନିଧି ତଥା ସମ୍ବାଦ ଆମ ଓଡ଼ିଶାର ସଂଯୋଜକ କୃଷ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସମାଜରେ ବିଭିନ୍ନ ବର୍ଗରେ ଦକ୍ଷତାର ସହ କାର୍ଯ୍ୟକରି ଖ୍ୟାତି ଅର୍ଜନ କରିଥିବା ସାମ୍ବାଦିକ, ସମାଜସେବୀ, ଲୋକପ୍ରତିନିଧି ଓ ଋଷୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଯତୀନ ପଣ୍ଡା ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଧାମନଗର ବ୍ଲକ 'ସମ୍ବାଦ ସାହିତ୍ୟ ଘର' ଶାଖା ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା ଋରାରୋପଣ କରାଯାଇଥିଲା।

## ବିଜେପିର ଦ୍ୱିତୀୟ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,୧୫/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପିର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ପୌର ଓ ପଂଚାୟତ ନିର୍ବାଚନ ବିଷୟରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା । ରାଜନୈତିକ ଚିଠା ପ୍ରସ୍ତାବରେ ରାଜ୍ୟ ସରକାରଙ୍କ କୋଭିଡ ପରିଚାଳନା ଅବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେରଫେର , ମନରେଗା ଯୋଜନାରେ ଅଣକୁଶଳୀ ଶ୍ରମିକ ମାନଙ୍କୁ ଉପେକ୍ଷା କରାଯାଇ ମେସିନ ମାଧ୍ୟମରେ କାମ କରିବା, ବିଭିନ୍ନ ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଜିଲ୍ଲାରେ ଦଳିତ ମାନଙ୍କ ଉପରେ ଆକ୍ରମଣ, ପଟ୍ଟାମୁଣ୍ଡାଇ ମୁନିସିପାଲିଟିରେ ଦୁର୍ନିତି ଓ ଶ୍ରୀ ବଳଦେବଜୀୟୁ ମନ୍ଦିର ଉନ୍ନତିକରଣ ରେ ନିମ୍ନମାନ ର କାର୍ଯ୍ୟ, ଗୋବରୀ ନଦୀ ଖନନରେ ଅନିୟମିତତା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ପ୍ରବୋକ୍ତା ତଥା ଜିଲ୍ଲା ପ୍ରଭାରୀ ଜତିନ୍ ମହାନ୍ତିଙ୍କ ସମେତ ଦୋଳ ଗୋବିନ୍ଦ ନାୟକ, ସୁନାକର ବେହେରା, ବିଷ୍ଣୁ ପ୍ରସାଦ ଦାସ, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ରମାକାନ୍ତ ନାୟକଙ୍କ ସମେତ ବହୁ ବିଜେପି ନେତା ଅଂଶ ଗ୍ରହଣ କରିଥିଲେ।

## ଲୁଣା କରାଣ୍ଡିଆ ସେତୁ ଜମି ଅଧିଗ୍ରହଣ ସଂପର୍କରେ ବିଭାଗୀୟ ବୈଠକ

କେନ୍ଦ୍ରାପଡ଼ା,୧୫/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ ଡିହବଳରାମପୁର, ବିଲବଳରାମପୁର ଓ ତଳଗାଁ ଆଦିକୁ ସଡକ ପଥରେ ସଂଯୋଗ କରିବା ପାଇଁ ଲୁଣା-କରାଣ୍ଡିଆ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସେତୁକୁ ସଂଯୋଗୀ କରଣ ରାସ୍ତା ତିଆରି ପାଇଁ ଘରୋଇ ଜମି ଆବଶ୍ୟକ ପଡୁ ଥିବାରୁ ଏହି ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ବୈଠକ ବୁଧବାରଅନୁଷ୍ଠିତ ହୋଇଯାଇଛି। ଆବଶ୍ୟକ ପଡୁଥିବା ୭ ଏକର ୪ ଡିସିମିଲ ଜମି ପାଇଁ ୧୦୪ଟି ପ୍ଲଟ ଚିହ୍ନଟ କରାଯାଇ ଅଧିଗ୍ରହଣ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ ବୈଠକ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂରାଜସ୍ୱ ଅଧିକାରୀ ରାଜେନ୍ଦ୍ର କୁମାର ଆଚାରିୟା, ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ଜିଲ୍ଲା ସବ୍-ରେଜିଷ୍ଟାର ଶିବ ମଲିକ, ଆରଡି ଏସ୍‌ଡିଓ ବିଜୟ ସାହୁ, ଉପ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଆନ୍ଦୋଳନ ଧମକ୍ ପରେ ଅବକାରୀ ବିଭାଗର ଭାଂଗିଲା ନିଦ

## ବରଡିହା ଅଂଚଳରୁ ୯୭ ଲିଟର ମଦ ଜବତ୍ : ୬ ଗିରଫ

ଜଳେଶ୍ୱର ୧୪/୭(ନି.ପ୍ର) : ରାଇବଣିଆ ଥାନା ଅନ୍ତର୍ଗତ ବରଡିହା ପଂଚାୟତର କୁସୁମସାହି, କନ୍ଦଡା, ସୁରେଇ ସାହି, କଲ୍ୟାଣକୋଟ, ମୁରୁଡିହା, ପ୍ରସାଦଶୋଳ, ସୁରେଇସାହି, ଶାଳବଣୀ ଇତ୍ୟାଦି ଗାଁରୁ ଗତ ୫ ମାସରେ ୮ଜଣଙ୍କ ମୃତ୍ୟୁ ହେବା ଏକ ସମ୍ବେଦନଶୀଳ ଘଟଣା ଜଳେଶ୍ୱର ବ୍ଲକ ମହିଳା କଂଗ୍ରେସ ପକ୍ଷରୁ ଏ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହେବାପରେ ଚେଇଁ ଉଠିଛି ଅବକାରୀ ବିଭାଗ । ଅଭିଯୋଗର ବାର ଘଣ୍ଟା ନ ପୁରୁଣୁ ସେ ଅଂଚଳରୁ ୯୭ ଲିଟର ମଦ ଜବତ୍ ହେବା ସହ ୬ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ପଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ଚୋରାମଦ ଆସି ଜଳେଶ୍ୱର, ରାଇବଣିଆର ବିଭିନ୍ନ ସ୍ଥାନରେ ବିକ୍ରି ହୋଇ ଆସୁଛି । ଚୋରା ମଦ ସହିତ ଏକ ପ୍ରକାର ଟେବ୍‌ଲେଟ ମିଶାଇ ଯୁବଗୋଷ୍ଠୀ ସେବନ କରୁଥିବାରୁ ସେମାନେ ଅସୁସ୍ଥ ହେଉଛନ୍ତି । ଗୋଡହାତ ଫୁଲିବା ସହିତ ଥରୁଥିବା ଦେଖିବାକୁ ମିଳୁଛି । ଘରେ ଘରେ ମଦର ବ୍ୟାପକ ବ୍ୟବହାର ଯୋଗୁଁ ପାରିବାରିକ ସ୍ଥିତି ଦୋହଲି ଯାଉଛି। ଏପରିଏକ ଘଟଣା ନେଇ ଗତ ୧୩ ତାରିଖରେ ଜଳେଶ୍ୱର ବ୍ଲକ ମହିଳା କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହିତ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲା । ଏହା ଜାଣି ଜଳେଶ୍ୱର ଅବକାରୀ ବିଭାଗ ୧୩ ତାରିଖ ରାତିରେ ସେ ଅଂଚଳରେ ଥିବା ୧୧ଟି ମଦ ଦୋକାନ ଓ ୨ଟି ଭାଟି ଉପରେ ଚଢାଉ କରିଛି । ମାରୁଡିହା ଗାଁର ଦମୟନ୍ତି ସିଂ, ପ୍ରସାଦଶୋଳ ଗାଁ ରିନା ଜେନା, କନ୍ଦଡାର ରେବତୀ ସିଂ, କୁସୁମ ସାହିର କୈଳାସ ସିଂ ଓ ସନ୍ତୋଷ ସିଂ ଏବଂ ମିଲିଟାରୀ ବଜାରର କାଳିଆ ବାସ୍କେ ଠାରୁ ମୋଟ ୯୭ ଲିଟର ଦେଶୀ ମଦ ଜବତ୍ ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବରିଷ୍ଠ ସଂଗ୍ରାମୀ ନେତାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା

ଜଳେଶ୍ୱର ,୧୫/୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ପଂଚାୟତର ଦେଉଳା ଗ୍ରାମର ବର୍ଷିଆନ ବାମପନ୍ଥି ଲଢୁଆ ନେତା ସ୍ୱର୍ଗତ ରମାକାନ୍ତ ସେଠୀଙ୍କ ଏଦାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ସିପିଏମ୍ ନେତା ନିଖିଳ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ରବିନ୍ଦ୍ର ବାରିକ, କାର୍ତ୍ତିକ ଦାସ, ବସନ୍ତ ଦାସ, ଦିପ୍ତିମାନ ଆଚାର୍ଯ୍ୟ, ଅଧିର ହୁଇ, ବସନ୍ତ ପ୍ରଧାନ, ହାରାଧନ ଦାସ, ମହେନ୍ଦ୍ର ମାରାଣ୍ଡି ଓ ପରିବାରବର୍ଗ ଉପସ୍ଥିତ ରହି ସ୍ୱର୍ଗତ ନେତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ପ୍ରଦାନ କରି ସ୍ମୃତିଚାରଣ କରିଥିଲେ । ୮୨ ବର୍ଷ ବୟସରେ ସ୍ୱର୍ଗତ ସେଠୀ ମୃତ୍ୟବରଣ କରିଥିଲେ ମଧ୍ୟ ଜୀବନଯାକ ବାମପନ୍ଥି ଚିନ୍ତା ଚେତନା ମଧ୍ୟରେ ରହି ବହୁ ଲୋକଙ୍କୁ ସେବା ଓ ସହାୟତା ଯୋଗାଇଥିଲେ । ପୁତ୍ର ନରୋତ୍ତମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷା ସମ୍ପୃକ୍ତି ଯୋଜନାରେ ଘର ଘରକୁ ଯାଇ ଶିକ୍ଷାଦାନ

ନୂଆପଡା,୧୫/୭ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ଗତ ୧୬ ମାସ ହେଲା ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଯାହାଫଳରେ ଛାତ୍ରଛାତ୍ରୀ ମାନେ ପାଠ ପଢାରୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛନ୍ତି । ରାଜ୍ୟ ସରକାର ଅନଲାଇନ ମାଧ୍ୟମରେ ପାଠ ପଢାଇବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ଅନଲାଇନ ପାଠପଢା ଜଙ୍ଗଲ ପାହାଡ ଘେରା ସ୍ଥାନ ମାନଙ୍କରେ ନେଟ ନଥିବାରୁ ବାଧାପ୍ରାପ୍ତ ହେଉଥିବା ବେଳେ ଅନେକ ଗରିବ ଛାତ୍ରଛାତ୍ରୀଙ୍କ ପାଖରେ ମୋବାଇଲ ନାହିଁ । ଯାହାଫଳରେ ଅନଲାଇନ ପାଠପଢା ମଧ୍ୟ ବାଧାପ୍ରାପ୍ତ ହୋଇଛି । ଅନଲାଇନ ପାଠ ପଢା ପ୍ରଭାବିତ ହେଉଥିବାରୁ ନୂଆପଡା ଜିଲାରେ ଶିକ୍ଷା ସମ୍ପୃକ୍ତି ଭଳି ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଇଛି । ନୂଆପଡା ଜିଲ୍ଲାର ୫ ଗୋଟି ବ୍ଲକ ନୂଆପଡା, କୋମନା, ବୋଡେନ, ସିନାପାଲି ଓ ଖଡିଆଳ ବ୍ଲକର ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷା ସମ୍ପୃକ୍ତି ମାଧ୍ୟମରେ ଘର ଘର ଯାଇ ଶିକ୍ଷାଦାନ କରୁଛନ୍ତି ।

## ଫିରିଙ୍ଗିଆ ଥାନା ଅଂଚଳରେ ଅଟୋ ସମେତ ୨୭ କିଗ୍ରା ଗଞ୍ଜେଇ ଜବତ ୨ ଗିରଫ

କନ୍ଧମାଳ,୧୪ ଜୁଲାଇ(ହି.ସ.)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ଗୋଟିଏ ଅଟୋ ଯୋଗେ ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରି ଅଟୋରୁ ଗୋଟିଏ ବସ୍ତାରେ ୨୭ କିଗ୍ରା ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହାସହିତ ଏହି ଘଟଣାରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ ଅଂଚଳର ଜଣେ ଏବଂ କନ୍ଧମାଳ ଜିଲ୍ଲା ନୁଆପଦର ଗ୍ରାମାପଂଚାୟତର ବିଲୁପଦର ଅଂଚଳର ଜଣଙ୍କୁ ଗିରଫ କରି ସେମାନଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ନେଇ ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଗତ ମଙ୍ଗଳ ବାର ଦିନ ଫିରିଙ୍ଗିଆ ଅଂଚଳରୁ ଜିଲ୍ଲା ବାହାରକୁ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ସୂଚନା ପାଇବା ପରେ ପୋଲିସ ପାଟ୍ରୋଲିଙ୍ଗ ଜାରି ରଖିବା ସହିତ ଗାଡି ମଟର ତଲାସି କରିଥିଲା । ଏହି ସମୟରେ ଏକ ଅଟୋ (ଓଆର-୧୩-୨୧୬୭)କୁ ତଲାସି ନେବା ବେଳେ ଅଟୋ ଭିତରୁ ଗୋଟିଏ ବସ୍ତାରେ ଏହି ଗଞ୍ଜେଇ ମିଳିଥିଲା । ପୋଲିସ ଏହି ଗଞ୍ଜେଇ ସମେତ ଅଟୋକୁ ଜବତ କରି ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଅଂଚଳର ବ୍ରଜକିଶୋର ନାୟକ(୩୫) ଏବଂ ଫିରିଙ୍ଗିଆ ନୁଆପଦର ପଂଚାୟତର ବିଲୁପଦର ଗ୍ରାମର ପ୍ରଶାନ୍ତ କୁମାର ସାହାଣି(୩୦)କୁ ଗିରଫ କରିଛି ପୋଲିସ। ଏହି ସଂକ୍ରାନ୍ତରେ ଫିରିଙ୍ଗିଆ ଥାନାରେ ଏକ ମାମଲା ୮୦/୨୧ ରୁଜୁ କରିବା ସହିତ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ଓଡ଼ିଶା ଭଷା, ସାହିତ୍ୟ, ସଂସ୍କୃତି ବିଭାଗ କମିଶନରଙ୍କ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳ ପରିଦର୍ଶନ

ଖୋର୍ଦ୍ଧା,୧୫/୭ (ନି.ପ୍ର): ଓଡ଼ିଶା ଭଷା, ସାହିତ୍ୟ, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ,ନିର୍ଦ୍ଦେଶକ ଓଡ଼ିଶାଭଷା, ସାହିତ୍ୟ, ସଂସ୍କୃତି ବିଭାଗର ରଞ୍ଜିତ କୁମାର ସାହୁ,ଜିଲାପାଳ ଖୋର୍ଦ୍ଧା ସନତ କୁମାର ମହାନ୍ତି ବୁଧବାର ଅପରାହ୍ନରେ ଖୋର୍ଦ୍ଧା ବରୁଣେଇ ପାଦ ଦେଶରେ ନିର୍ମାଣ ହେବାକୁ ଥିବା ପାଇକ ବିଦ୍ରୋହ ର ସ୍ମାରକୀ ସ୍ଥଳ ପରିଦର୍ଶନ କରିଥିଲେ।ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୯.୬୮୫ଏକର ଜମି ଯୋଗାଇ ଦିଆଯାଇଛି।ପ୍ରସ୍ତାବିତ ଜମିରେ ପାଇକ ବିଦ୍ରୋହ ର ସ୍ମାରକୀ ନିର୍ମାଣ ସମ୍ପର୍କରେ ଓଡ଼ିଶା ଭଷା, ସାହିତ୍ୟ, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ,ନିର୍ଦ୍ଦେଶକ ଓଡ଼ିଶାଭଷା, ସାହିତ୍ୟ, ସଂସ୍କୃତି ବିଭାଗର ରଞ୍ଜିତ କୁମାର ସାହୁ,ଜିଲାପାଳ ଖୋର୍ଦ୍ଧାଙ୍କ ସହିତ ଆଲୋଚନା କରିଥିଲେ।ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଭଷା, ସାହିତ୍ୟ, ସଂସ୍କୃତି ବିଭାଗ ପ୍ରସ୍ତାବିତ ଜମି ହସ୍ତାନ୍ତର ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ପାଇକ ବିଦ୍ରୋହ ର ଦୁଇ ଶହ ବର୍ଷ ପୂର୍ତ୍ତି ଅବସରରେ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ରେ ପାଇକ ବିଦ୍ରୋହ ସ୍ମାରକୀ ର ଶିଳାନ୍ୟାସ କରିଥିଲେ। ୧୮୧୭ମସିହାରେ ଇଂରେଜଙ୍କ ବିରୋଧ ରେ ଖୋର୍ଦ୍ଧା ର ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା।ଖୋର୍ଦ୍ଧା ର ପାଇକ ବିଦ୍ରୋହ ଏକ ଅବିସ୍ମରଣୀୟ ଅଧ୍ୟାୟ । ପାଇକ ବିଦ୍ରୋହ ର ସ୍ମାରକୀ ସ୍ଥଳ ଉନ୍ନତି କରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

# ସରକାରଙ୍କ ଶିଶୁ ଶ୍ରମିକ ନିରୋଧ ଆଇନ ବିଫଳ, ପେଟପାଟଣା ପାଇଁ ରାଜରାସ୍ତାରେ ଶିଶୁ ଶ୍ରମିକ

ନୂଆପଡା,୧୫/୭ (ନି.ପ୍ର): କେନ୍ଦ୍ର ସରକାର ଶିଶୁ ଶ୍ରମିକ ମାନଙ୍କୁ କୌଣସି କାମରେ ନିୟୋଜିତ ନକରିବା ପାଇଁ ଶିଶୁ ଶ୍ରମିକ ନିରୋଧ ଆଇନ ପ୍ରଣୟନ କରିଛନ୍ତି । ସମସ୍ତ ୬ ରୁ ୧୪ ବର୍ଷର ଶିଶୁ ମାନେ ବାଧ୍ୟତା ମୂଳକ ଭାବରେ ବିଦ୍ୟାଳୟରେ ରହି ପାଠପଢିବେ ବୋଲି ଡିପିଇପି, ସର୍ବଶିକ୍ଷା ଓ ବର୍ତ୍ତମାନ ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଉଛି। ୬ ରୁ ୧୪ ବର୍ଷର ଶିଶୁ ମାନେ ଡ୍ରପ ଅଉଟ ନ ହୋଇ ବାଧ୍ୟତା ଶିକ୍ଷା ଅର୍ଜନ କରିବେ ଓ ଶିଶୁ ଶ୍ରମିକ ନହେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି । ହେଲେ ସରକାରଙ୍କ ଏହି ଆଇନ ବର୍ତ୍ତମାନ ମଧ୍ୟ ବିଫଳ ହୋଇଥିବା ବେଳେ ପେଟପାଟଣା ପାଇଁ ଛୋଟ ଛୋଟ କମ ବର୍ଷର ଶିଶୁ ମାନେ ଶ୍ରମିକ ସାଜୁଛନ୍ତି ଓ ପରିବାର ପ୍ରତିପୋଷଣରେ ସହାୟକ ହେଉଛନ୍ତି। ସୂଚନା ଥାଉକି ଛତିଶଗଡ ରାଜ୍ୟ ମହାସମୁନ ଜିଲ୍ଲାର ଅନେକ ଶିଶୁ ଖଡିଆଳ ସହରରେ ବିଭିନ୍ନ ଲୋକ ମାନଙ୍କ ଘରକୁ ଯାଇ ପୁରୁଣା ଖବରକାଗଜ ସଂଗ୍ରହ କରୁଛନ୍ତି । ଲୋକ ମାନଙ୍କ ଠାରୁ ଏହି ପୁରୁଣା ଖବରକାଗଜକୁ ୧୦ ଟଙ୍କା ରୁ ୧୨ ଟଙ୍କାରେ ସଂଗ୍ରହ କରି ଖଡିଆଳର ଦୋକାନୀ ମାନଙ୍କୁ ୧୫ ଟଙ୍କାରୁ ୧୮ ଟଙ୍କାରେ ବିକ୍ରୟ କରୁଛନ୍ତି । କେଜି ପିଛା ୫ ରୁ ୬ ଟଙ୍କା ଲାଭ କରି ଦିନକୁ ୧୦ ରୁ ୧୨ କେଜିରେ ୫୦ /୬୦ ଟଙ୍କା ରୋଜଗାର କରି ପରିବାର ପୋଷୁଥିବା ଜଣେ ଶିଶୁ ପ୍ରକାଶ କରିଥିଲେ । ଏଥିରୁ ଅନୁମେୟ ସରକାରଙ୍କ ଶିଶୁ ଶ୍ରମିକ ନିରୋଧ ଯୋଜନା କେମିତି ଫେଲ ମାରିଛି । ନୂଆପଡା ଜିଲ୍ଲାର ଅନେକ ଶିଶୁ ମାନେ ମଧ୍ୟ ଅନେକ ସ୍ଥାନରେ ଶିଶୁ ଶ୍ରମିକ ଭାବରେ କାମ କରି କିଛି ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣରେ ସହାୟକ ହେଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଶିଶୁ ଶ୍ରମିକ ଉଚ୍ଛେଦ କରି ଶିଶୁ ମାନଙ୍କୁ ମୁଖ୍ୟ ଶ୍ରୋତରେ ସାମିଲ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

## ପଲମା ଓ କୋଟାମାଲ ଗ୍ରାମରେ ଚଢାଉ: ଦେଶି ଓ ବିଦେଶି ମଦ ଜବତ

ନୂଆପଡା, ୧୪ ଜୁଲାଇ (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ପ ।ୟତର ପଲମା ଓ କୋଟାମାଲ ଗ୍ରାମରେ ବୁଧବାର ଅବକାରୀ ଚଢାଉ କରାଯାଇ ଦେଶି ଓ ବିଦେଶି ମଦ ଜବତ କରାଯାଇଛି । ଖଡିଆଳ ଅତିରିକ୍ତ ତହସିଲଦାରଙ୍କ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ତାଙ୍କ ସହ ଅବକାରୀ ବିଭାଗର କର୍ମଚାରୀ ମାନେ ଚଢାଉରେ ସାମିଲ ଥିଲେ । ଏହି ଚଢାଉ ବେଳେ ୭ ଲିଟର ଦେଶି ମଦ ଓ ସାଢେ ୭ ଲିଟର ବିଦେଶି ମଦ ଜବତ କରାଯାଇଥିଲା । ଏହି ମଦ କାରବାରରେ ସମ୍ପୃକ୍ତ ଚନ୍ଦ୍ର ଶେଖର ମାଝୀ ଓ ମୋହନ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏହି ଚଢାଉରେ ଅବକାରୀ ବିଭାଗର ହାରାବତୀ, ସୁନା ମାଝୀ, ମୋହନ, ମୁରଲି ତାଣ୍ଡି, ଦେବି ସିଂ ମାଝୀ, ମୁରଲିଧର ଶବର ପ୍ରମୁଖ ସାମିଲ ଥିଲେ।

## କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର ହରିଣର ମୃତ୍ୟୁ: ଗୋଡ଼ରେ ରହିଛି ଗୁଳି ମାଡ଼ର ଚିହ୍ନ

ଗଞ୍ଜାମ, ୧୪ ଜୁଲାଇ (ହି.ସ.)- ଗଞ୍ଜାମ ଜିଲ୍ଲା ଉତର ଘୁମୁସର ବନଖଣ୍ଡ ଅଧିନ ମୁଜାଗଡ଼ ବନାଚଂଳ କୁଲାଗଡ଼ ସେକ୍ସନ ଢ଼େପାପଲ୍ଲୀ ଗ୍ରାମ ନିକଟରୁ ଏକ ସମ୍ବରକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ କିଛି ସମୟ ପରେ ତାର ମୃତ୍ୟୁ ଘଟିଛି । ସମ୍ବରଟି ନିକଟସ୍ଥ ଜଙ୍ଗଲରୁ ଚାଲି ଆସିଥିବା ବେଳେ ତାର ବାମ ଗୋଡ଼ ନିକଟରେ ଗୁଳି ମାଡ଼ର ଚିହ୍ନ ରହିଥିଲା । ଗଭୀର କ୍ଷତ ସହିତ ପ୍ରବଳ ରକ୍ତସ୍ରାବ କାରଣରୁ ସେ ଗ୍ରାମ ନିକଟସ୍ଥ ଏକ ନାଳ ପାଖରେ ପଡି ଯାଇଥିବାରୁ ସ୍ଥାନୀୟ ଲୋକେ ଏହା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ । ସ୍ଥାନୀୟ ବନପାଳ ଶୁଭସ୍ମିତା ପାତ୍ର ଘଟଣାସ୍ଥଳରେ ପହଂଚି ସମ୍ବରଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ପଶୁ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ । ସେଠାରେ ତାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ବନ ବିହାର ପରିସରରେ ହରିଣଟିର ମୃତଦେହ ବ୍ୟବଚ୍ଛେଦ ସହ ସେଠାରେ ପୋତି ଦିଆଯାଇଛି । ଏନେଇ ବନ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି । ତେବେ ସମ୍ବରଟିର ମୃତ୍ୟୁ ଶିକାରୀ ଗୁଳିରେ ହୋଇଛି କି ନାହିଁ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ଜଣାପଡିଛି ।

### ରଣଗାଁ ନିରଞ୍ଜନ ସାହୁ ହତ୍ୟା ମାମଲା

## ଆତ୍ମହତ୍ୟା ନୁହେଁ ହତ୍ୟା : ଏସପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲା ପରିବାର

### ଘଟଣାର ତଦନ୍ତ କରିବେ ବରିଷ୍ଠ ପୋଲିସ ଅଧିକାରୀ

କନ୍ଧମାଳ,୧୫/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ରଣଗାଁର ଏକ କୂଅ ଭିତରୁ ମହିଳା ମାନଙ୍କ ବ୍ୟବହାର କରାଯାଉଥିବା ଚୁନିରେ ବେକ ବନ୍ଧାହୋଇ ଝୁଲନ୍ତା ଶବଉଦ୍ଧାର ଘଟଣା ଏବଂ ଭିନ୍ନ ମୋଡ ନେଇଛି । ଝୁଲନ୍ତା ଶବକୁ ଉଦ୍ଧାର ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କାର୍ଯ୍ୟ ଶେଷ କରି ଦେଇଥିଲା। ତେବେ ମୃତ ଯୁବକଙ୍କ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଥିବାବେଳେ ସେହି ବାବଦରେ ପୋଲିସ୍ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଏବଂ ଏହି ଘଟଣାରେ କାହାକୁ ଗିରଫ କରିନଥିବା ପ୍ରତିବାଦରେ ମୃତ ଯୁବକଙ୍କ ପରିବାର ଲୋକମାନେ କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀରେ ଧାରଣା ଦେଇଛନ୍ତି। ସୂଚନା ଯୋଗ୍ୟ ଗତ ଜୁନ୍ ୨୦ ତାରିଖରେ ଚକାପାଦ ପଂଚାୟତ ଅନ୍ତର୍ଗତ ରଣଗାଁ ଗ୍ରାମର ବିରଂଚି ସାହୁଙ୍କ ପୁଅ ନିରଞ୍ଜନ ସାହୁ(୨୨)ଙ୍କ ଝୁଲନ୍ତା ଶବ କୂଅ ମଝିରେ ଥିବା ଏକ ଦଣ୍ଡାରେ ଗ୍ରାମବାସୀ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଚକାପାଦ ଥାନା ଅଧିକାରୀ ଅମ୍ବିକା ପଟ୍ଟନାୟକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ଆଉ ଅଧିକ ଦନ୍ତ କରିନଥିଲେ ବୋଲି ପରିବାର ଲୋକେ କହିଛନ୍ତି । ମୃତକଙ୍କ ପରିବାର ଲୋକେ ଜୁନ ୨୮ ତାରିଖରେ ତାଙ୍କ ପୁଅ ନିରଞ୍ଜନ ଆତ୍ମହତ୍ୟା କରି ନୁହେଁ ବରଂ ଏହା ଏକ ହତ୍ୟାକାଣ୍ଡ ବୋଲି ଚକାପାଦ ଥାନାରେ ଅଭିଯୋଗ କରିଥିଲେ । ପ୍ରେମ ସମ୍ପର୍କ ଯୋଗୁଁ ଘଟିଥିବା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ନିରଞ୍ଜନର ପ୍ରେମିକା ଜନୈକ ଯୁବତୀଙ୍କ ବାପାଙ୍କ ସମେତ ତାଙ୍କର ଭାଇମାନେ ମିଳିମିଶି ତାଙ୍କ ପୁଅକୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ ହେଁ ଏ ଯାବତ ପୋଲିସ ଏହି ସଂକ୍ରାନ୍ତରେ କୌଣସି ତଦନ୍ତ କରିନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ପ୍ରତି ପକ୍ଷଙ୍କ ଦ୍ୱାରା କୌଣସି କରଣରୁ ପ୍ରଭାବିତ ହୋଇ ପୋଲିସ ଏହି ଘଟଣାକୁ ଏକ ଆତ୍ମହତ୍ୟା ଘଟଣା ବୋଲି କହିବା ସହିତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବରଂ ଏହି ଘଟଣାକୁ ରଫାଦଫା କରିବାକୁ ଚକାପାଦ ଥାନା ପୋଲିସ ଜୋରଦାର ପ୍ରଚେଷ୍ଟା ଚଳାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ଚକାପାଦ ଥାନା ପୋଲିସର ଏତାଦୃଶ କାର୍ଯ୍ୟକଳାପ ଯୋଗୁଁ ଗତ ଜୁନ୍ ୨୮ତାରିଖରେ ମୃତକଙ୍କ ପିତା କନ୍ଧମାଳ ଏସ୍.ପି ଭିନିତ ଅଗ୍ରୱାଲଙ୍କୁ ଡାକ ଯୋଗେ ହତ୍ୟା ସମ୍ପର୍କିତ ଏତେଲା ଏବଂ ଜୁନ ୩୦ ତାରିଖରେ କାର୍ଯ୍ୟାଳୟକୁ ଆସି ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ପ୍ରତ୍ୟେକ୍ଷ ଭାବରେ ତଦନ୍ତ ପାଇଁ ବିରଂଚି ସାହୁ ନିବେଦନ କରିଥିଲେ । ତେବେ ଏହା ସତ୍ୱେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ମୃତକଙ୍କ ପରିବାର ସମେତ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ତେଣୁ ସେମାନେ ଚକାପାଦ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଏବଂ ଏସ.ଆଇ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଚକାପାଦ ଥାନାରୁ ଅନ୍ୟତ୍ର ବଦଳି କରା ଯିବାକୁ ମଧ୍ୟ ଦାବୀ କରାଯାଇଛି । ତେବେ ଆଜି ମୃତକଙ୍କ ପରିବାର ପକ୍ଷରୁ ଧାରଣା ଦିଆଯିବା ଯୋଗୁଁ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏହି ମାମଲାର ତଦନ୍ତ ଭାର ଦେଇଛନ୍ତି ସେ ଏହାର ତଦନ୍ତ କରିବେ ବୋଲି କନ୍ଧମାଳ ଏସପି ପ୍ରତିଶୃତି ଦେବାପରେ ମୃତକଙ୍କ ପରିବାର ଲୋକେ ଧାରଣାରୁ ଉଠିଥିଲେ ।

# ସହଜ ଉପାୟରେ ନର୍ସରୀ ମୃତ୍ତିକା ପ୍ରସ୍ତୁତି

**ପାକଶାଳା ବଗିଚା ବା ପୁଷ୍ଟିଯୁକ୍ତ ବଗିଚାର ଆଦର ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରାକୃତିକ ବର୍ଜ୍ୟ ପଦାର୍ଥର ସୁବିନିଯୋଗ କରି ତଥା ରାସାୟନିକ ସାର ଓ କୀଟନାଶକର ବିନା ବ୍ୟବହାରରେ ମୂଲ୍ୟଯୁକ୍ତ ଉତ୍ପାଦ ପାଇବା ଏହାର ଉଦ୍ଦେଶ୍ୟ । ଜୈବଅବିକ ବା ପ୍ରାକୃତିକ କୃଷି ପଦ୍ଧତିରେ ଅନେକ ପ୍ରାକର ଜୈବିକ ଖତ ପ୍ରସ୍ତୁତି ଦେଖିବାକୁ ମିଳିଥାଏ । ଆସନ୍ତୁ ଜାଣିବା ସରଳ ମସଲା ମାଟି ବା ନର୍ସରୀ ମୃତିକାର ପ୍ରସ୍ତୁତି ପ୍ରଣାଳୀ, ଯାହା ସମସ୍ତପ୍ରକାର ଫସଲ ତଥା ଉଦ୍ୟାନ କୃଷି ପାଇଁ ବିଶେଷ ଭାବେ ଉପଯୋଗୀ ।**



**ପ୍ରସ୍ତୁତି ପ୍ରଣାଳୀ:** ୪/୪ ବର୍ଗଫୁଟରେ ମାଟିକୁ ହାଣି ଏକ ବେଡ ତିଆରି କରନ୍ତୁ ।
୧ଲିଟର ଦେଶୀ ଗାଈର ଗୋମୂତ୍ର ସେଠାରେ ସିଞ୍ଚନ କରନ୍ତୁ ।
ଏକ ଡ୍ରମରେ ୩୦ ଲିଟର ପାଣିରେ ୧କିଗ୍ରା ଦେଶୀ ଗାଈର ଗୋବରକୁ ଗୋଳାଇ ସେଥିରେ ଅନାବନା ଘାସ ପ୍ରାୟ ଏକ ଘଣ୍ଟା ବୁଝାଡଇ ରଖନ୍ତୁ
ଏବେ ବେଡରେ ୩ଇଞ୍ଚ ଉଚ୍ଚତାରେ ଶୁଖିଲା ଗୋବର ପକାନ୍ତୁ ।
ଗୋବର ଉପରେ ଡ୍ରମରୁ ଘାସକୁ କାଢ଼ି ସମତୁଲ କରି ବିଛାଇ ଦିଅନ୍ତୁ ।
ଏହା ଉପରେ ସାମାନ୍ୟ ଗୋବର ପାଣି ସିଞ୍ଚନ କରନ୍ତୁ ତଥା ୩ଇଞ୍ଚର ରାସାୟନିକ ସାର ନପପଡ଼ିଥିବା ଗୁଣ୍ଡମାଟି ପକାନ୍ତୁ।
ଏହି ପ୍ରକ୍ରିୟାକୁ ୩/୪ ଥର ଦୋହରାନ୍ତୁ ତା ପରେ ଅଳ୍ପ ଗୋବର ମିଶାମାଟି ଓ ସାମାନ୍ୟ ପରିମାଣର ଜିଆଖତ ମିଶାଇ ପକାନ୍ତୁ।
ଏହାପରେ ଏଥିରେ ଅଳ୍ପ ପରିମାଣର ନବଧାନ୍ୟର ମଞ୍ଜି ବୁଣିବାକୁ ହୋଇଥାଏ ।
ଚାରା ୨୧ ଦିନର ହେବା ମାତ୍ରେ ଚାରା ସହିତ ସଂପୂର୍ଣ୍ଣ ବେଡକୁ ସିଲଟ ପାଲଟ କରି ଦିଅନ୍ତୁ ଓ ପୁନଶ୍ଚ ନବଧାନ୍ୟ ଲଗାନ୍ତୁ ।
ସଂପୂର୍ଣ୍ଣ ଖତ ପ୍ରସ୍ତୁତି ପାଇଁ ୬୦ରୁ ୬୫ ଦିନ ଲାଗିଥାଏ । ଏହା ହାଲକା ନରମ କଳା ଓ ଦାନାଦାର ତଥା ପୋଶେ ଓ ଉପକାରୀ ଅଣୁଜୀବମାନଙ୍କର ସମାହାରରେ ଭରପୂର ହୋଇଥାଏ । ପ୍ରସ୍ତୁତ ହେବାର ତିନିମାସ ମଧ୍ୟରେ ଏହାକୁ ବଗିଚା ତଥା ଫସଲରେ ପ୍ରୟୋଗ କରନ୍ତୁ ।



# ଘରେ କମ୍ ସମୟରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ରେଶମୀ ପନୀର

**ଆବଶ୍ୟକ ସାମଗ୍ରୀ:** ପନୀର, କ୍ରିମ୍, ରିଫାଇନ୍ ତେଲ, ଜିରା, ପିଆଜ, ଅଦା, ରସୁଣ, କ୍ୟାପ୍ସିକମ୍, ଟମାଟୋ, ଧନିଆ ପାଉଡ଼ର, ହଳଦୀ, ଲୁଣ, ଲଙ୍କା ଗୁଣ୍ଡ, ଗରମ ମସଲା ଓ ଧନିଆ ପତ୍ର।



**ପ୍ରସ୍ତୁତି ପ୍ରଣାଳୀ:** ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ। ଜିରା ଫୁଟିଲେ ସେଥିରେ କଟା ପିଆଜ, କ୍ୟାପ୍ସିକମ୍ ଓ ଟମାଟୋ ପକାଇ ହାଲକା ଫ୍ରାଏ କରନ୍ତୁ। ଏବେ ସେଥିରେ ଅଦାରୁସଣ ପେଷ୍ଟ, ଧନିଆ ପାଉଡ଼ର, ହଳଦୀ, ଟମାଟୋ ପ୍ୟୁରି, ଲୁଣ, ଲଙ୍କା ଗୁଣ୍ଡ ପକାଇ ଗୋଳାନ୍ତୁ। ପରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ।
ପାଣି ଫୁଟିଲେ ଆଞ୍ଚକୁ ସିମ୍ କରି କ୍ୟୁବ ସାଇଜରେ କଟା ହୋଇଥିବା ପନୀରକୁ ପକାନ୍ତୁ । ଏବେ ସେଥିରେ କ୍ରିମ୍ ପକାନ୍ତୁ। ଏହାପରେ ଗରମ ମସଲା ଓ ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା ରେଶମୀ ପନୀର। ଏବେ ଏହାକୁ ବାଉଲରେ ସର୍ଭ କରନ୍ତୁ। ଏହାକୁ ଗରମାଗରମ ରୁଟି କିମ୍ବା ଭାତ ସହ ଖାଇପାରିବେ।

## ସ୍ୱାସ୍ଥ୍ୟ ହିଁ ସମ୍ପଦ

# ଜ୍ୱର



ପ୍ରତ୍ୟେକ ସୁସ୍ଥ ଲୋକର ଦେହର ତାପମାତ୍ରା ୩୬୮ ଡିଗ୍ରୀ ସେଲସିୟସ ବା ୯୯.୪ଡିଗ୍ରୀ ଫାରେନହିଟ୍ । ଏହା ଦିନ ଭିତରେ ଖୁବ ବେଶୀରେ ୦.୫ ଡିଗ୍ରୀ ସେଲସିୟସ ବଦଳିପାରେ ଏଥିରୁ ଅଧିକ ତାପମାତ୍ରା ରହିଲେ ଜ୍ୱର ବୋଲି କୁହାଯାଏ । ଶରୀରର ତାପମାତ୍ରା ନିୟନ୍ତରଣ କରିବାକୁ ମସ୍ତିଷ୍କର ହାଇପୋଥାଲାମସରେ ଏକ 'ଥର୍ମୋଷ୍ଟାଟ' ଅଛି । ଜ୍ୱରର କେତେକ ପ୍ରକାର ଏହିପରି । ଦେହରେ ତାତି ଭର୍ତ୍ତି ହୋଇଥିବ, କିନ୍ତୁ ଥର୍ମୋମିଟରରରେ ପରୀକ୍ଷା କଲେ ସବୁ ସମୟରେ ତାପମାତ୍ରା ଜଣାପଡ଼େ ନାହିଁ । ଏହାକୁ 'ହୁଲା' କୁହାଯାଏ । କେତେକ ରୋଗୀଙ୍କ ଦେହରେ ଉତ୍ତାପ ବଢ଼ିବା ପୂର୍ବରୁ କମ୍ପ ହୁଏ । ଏହାକୁ ଡାକ୍ତରୀ ଭାଷାରେ 'ରାଇଗର' କୁହାଯାଏ । ମୁଖ୍ୟତଃ ମ୍ୟାଲେରିଆ, ଭାଇରାଲ ଜ୍ୱର ପାରାସିଟାମଲ ବଟିକା ଖାଇ ଜ୍ୱର କମିଗଲା ପରେ ଦ୍ୱିତୀୟ ପାଳିରେ ଯେଉଁ ଜ୍ୱର ଆସେ ତା ପୂର୍ବରୁ କମ୍ପ ହୁଏ । ଜ୍ୱର ହୋଇ ରାତ୍ରିରେ ଅଧିକ ଝାଳ ବାହାରିଲେ ଫୁସଫୁସରେ ଯକ୍ଷ୍ମା କିମ୍ବା ଶରୀରର ଅନ୍ୟ ଅଙ୍ଗରେ ଯକ୍ଷ୍ମାରୋଗ ହୋଇଛି ବୋଲି ଡାକ୍ତରମାନେ ଅନୁମାନ କରି ପରୀକ୍ଷାନିରୀକ୍ଷା କରନ୍ତି । ଏହା ବ୍ୟତୀତ ମହିଳାଙ୍କର ରଜୋନିବୃତ୍ତି ପରେ, ଅଧିକ ମାନସିକ ଉତ୍କଣ୍ଠା, ମଦପାନ ପରେ, ମଧୁମେହ ଓ ହାଇପରଥାଇରଏଡ ରୋଗରେ ଅଧିକ ଝାଳ ବୋହିଥାଏ । ମୁର୍ଡ ବିନ୍ଧା ଭାଇରାଲ ଫିଭର, ଇନଫ୍ଲୁଏନଜା, ଟାଇଫଏଡ, ମ୍ୟାଲେରିଆ, ବାନ୍ତି, ଝାଡ଼ା, ଡିସେଣ୍ଟ୍ରି, ପରିସ୍ରା ସଂକ୍ରମଣ ଇତ୍ୟାରଦି ଜ୍ୱରରେ ଏକ ପ୍ରମୁଖ ଲକ୍ଷଣ । ଆଲୋକକୁ ଚାହିଁ ନପାରିଲେ, ଅଧିକ ମୁଣ୍ଡ ବିନ୍ଧିଲେ ମସ୍ତିଷ୍କ ଜ୍ୱର ହେବାର ସମ୍ଭାବନା ଥାଏ । ଜ୍ୱରା ଯୋଗୁ ବାଉଳିଚାଉଳି ହେଲେ, ମସ୍ତିକେ ଜ୍ୱର ହୋଇପାରେ । ଶିଶୁ ଓ ବୃଦ୍ଧ ବ୍ୟକ୍ତି ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହାକୁ 'ଡେଲିରିଅମ' କହନ୍ତି । ଜ୍ୱରରେ ମାଂସପେଶୀ ଯନ୍ତ୍ରଣା ବିଶେଷ କରି ଭାଇରାଲ ଜ୍ୱର ଓ ସେପ୍ଟିସେମିଆ ରୋଗରେ ଏହା ଅଧିକ ହୋଇଥାଏ । କେତିକ ଜ୍ୱର ବାରମ୍ବାର ଲେଉଟେ । ପିତ୍ତକୋଷରେ ପୂଜା ହେବା, ବୃକକ୍ ପ୍ରଦାହ ପେଟର ଗୁପ୍ତପୂଜ ଯୋଗୁଁ ବି ଜ୍ୱର ବାରମ୍ବାର ଲେଉଟେ । ୧୦୩ ଡିଗ୍ରୀ ଫାରେନହିଟରୁ ଜ୍ୱର ଅଧିକ ରହିଲେ ଡାକ୍ତରଙ୍କୁ ପରାମର୍ଶ କରି ନିର୍ଦ୍ଦେଶ ଅନୁସାରେ, ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସ-ରେ, ଆବଶ୍ୟକସ୍ଥଳେ ପେଟ ଅଲଟ୍ରାସାଉଣ୍ଡ ଇତ୍ୟାଦି କରିବା ଆବଶ୍ୟକ ହୁଏ । ସାଧାରଣ ଜ୍ୱର କାରଣ ଗୁଡ଼ିକ ହେଲେ 'ଫ୍ଲୁ' ଭାଇରସ, ପେଟଯନ୍ତ୍ରଣା, ଝାଡ଼ାବାନ୍ତି, ଗ୍ରୀଷ୍ମଋତୁରେ ହିଟ୍ ଷ୍ଟ୍ରୋକ, ତଣ୍ଟି ଦରଜ, ଟନସିଲାଇଟିସ, ଫାରିଞ୍ଜାଇଟିସ, ନିମୋନିଆ ଆଣ୍ଠୁଗଣ୍ଠି ବାତ ସହିତ ଟାଇଫଏଡ, ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ଯକୃତ ଓ ପିତ୍ତକୋଶଷରେ ଯକ୍ଷ୍ମା କର୍କଟ ଇତ୍ୟାଦି । ସମସ୍ତଙ୍କ ପାଇଁ ଜ୍ୱରର ସାଧାରଣ ଚିକିତ୍ସା ଜାଣିବା ଗୁରୁତ୍ୱପୂର୍ଣ୍ଣ। ପାଣି ଫୁଟାଇ ଥଣ୍ଡାକରି ୧୦/୧୨ ଗ୍ଲାସ ପିଇବା ଭଲ । ଅଳ୍ପ ଅଳ୍ପ ଉଷୁମପାଣିରେ ଅଦା ଗୋଲମରିଚ ପକାଇ ପିଇଲେ । ଯନ୍ତ୍ରଣା କମିଯାଏ । ମଦ, କଫି, ଚାର ପିଇଲେ ଦେହରୁ ଜଳୀୟ ଅଂଶ କମିଯାଏ । ଦୁର୍ବଳତା ବଢ଼େ । ସାଧାରଣ ଜ୍ୱରରେ କୌଣସି କଷ୍ଟ ମିମ୍ବା ଅସୁବିଧା ନଥିଲେ ଔଷଧ ଖାଇବା ଆବଶ୍ୟକ ନାହିଁ । ସାଧାରଣରୁ ଅଧିକ ଜ୍ୱରରେ ଉତ୍ତାପ ଓ ବିନ୍ଧା କମାଇବା ପାଇଁ ପାରାସିଟାମଲ, ଆଇବୁପ୍ରୋଫେନ, ନାପ୍ରୋକ୍ସେନ ଭଳି ଔଷଧ ଖାଇବାକୁ ଦିଆଯାଏ । ଆସ୍ପିରିନ ବଟିକାରେ ଉତ୍ତାପ କମୁଥିଲେ ମଧ ଏହା କେବଳ ବୟସ୍କ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଡାକ୍ତରଙ୍କ ବିନା ପରାମର୍ଶରେ ଶିଶୁ କିଶୋରଙ୍କୁ କସ୍ମିନ କାଳେ ଆସ୍ପିରିନ ବଟିକା ଖାଇବାକୁ ଦେବା ଉଚିତ ନୁହେଁ ।

# କେବଳ ଫଳ ଖାଇବା କେତେଦୂର ଉପଯୋଗୀ ?

୭୭% ରୁ ଅଧିକ ଲୋକଙ୍କ ଧାରଣା ଯେ ଦୈନିକ ଫଳ ଖାଇଲେ ,କ ସୁସ୍ଥ ଜୀବନ ଅତିବାହିତ କରିହୁଏ । ଏଭଳି ଜୀବନଶୈଳୀକୁ ଅଧିକାଂଶ ଆପେରେଇନେଇଛନ୍ତି ମଧ । ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ସାମିଲ କରାଯାଇ ନିକଟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଇଉରୋପର ,କ ଅଞ୍ଚଳର ଲୋକେ ସକାଳ, ଦ୍ୱିପହର, ସନ୍ଧ୍ୟା ଓ ରାତିରେ କେବଳ ଫଳାହାର କରନ୍ତି । ଏଠା ଲୋକଙ୍କ ପ୍ରମୁଖ ସମସ୍ୟା ଥିଲା ସେମାନେ ନିଜ କୋଲେଷ୍ଟରଲକୁ କମ କରିବାକୁ ଚାହୁଁଥିଲେ । ବିନା ଔଷଧ ସେବନରେ କେବଳ ଫଳାହାର ହିଁ ଏକମାତ୍ର ଉପାୟ ଥିଲା ନିୟମିତ ଭାବେ ୬ମାସ ସମସ୍ତ ଲୋକେ ଫଳ ସେବନ କରିବା ପରେ ସେମାନଙ୍କୁ ପ୍ରଚୁର ପରିମାଣରେ ଫାଇବର ମିଳିବା ସହ ୨୪୦୦ ୨୮୦୦ କ୍ୟାଲୋରୀ ମଧ କମ ହେଉଥିଲା ଇଉରୋପର ଏଇ ଛୋଟ ଗ୍ରାମରେ ଲୋକସଂଖ୍ୟା ମାତ୍ର ୧୫୦ । ଫଳ ସେବନ କରିବା ପରେ ୨ଜଣ କର୍କଟରୋଗୀ ମଧ ଆରୋଗ୍ୟ ହୋଇଥିବାର ପ୍ରକାଶ ।
ଫଳ ସେବନ ଦ୍ୱାରା ଓଜନ କମ ହେବା ସହ ତ୍ୱଚାରେ ମଧ ଏକ ଚମକ ଆସିଥାଏ । ବିଶେଷଜ୍ଞଙ୍କ ମତରେ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ବିଶେଷ କରି ବୟସ ବଢ଼ିବା ପରେ ଅର୍ଥାତ୍ ୭୦ବର୍ଷ ଅତିକ୍ରମ କରିବା ପରେ ଡାକ୍ତରଙ୍କ ପରାମର୍ଶରେ କେଉଁ ଫଳ କେତେ ପରିମାଣରେ ଖାଇବେ ତାହା ବୁଝିନେବା ଉଚିତ ।



# କର୍ମଜୀବୀଙ୍କ ନିମନ୍ତେ ଜାଣିବା କଥା

କାର୍ଯ୍ୟାଳୟରେ ନିଜକୁ ଫୂର୍ତ୍ତି ରଖିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଭିନ୍ନଭିନ୍ନ ପନ୍ଥା ଅବଲମ୍ବନ କରନ୍ତି । ଏହା ସତ୍ତ୍ୱେ କେତେକ ପରିସ୍ଥିତିରେ କୌଣସି କାରଣରୁ କର୍ମଜୀବୀମାନେ କାଁଭାଁ ଆଳସ୍ୟର ଶିକାର ହୋଇଥାନ୍ତି । ଏଭଳି ପରିସ୍ଥିତିରେ ନିଜକୁ ଫୂର୍ତ୍ତି ରଖିବା ପାଇଁ କେତୋଟି ଟିପ୍ସ ।
କାର୍ଯ୍ୟାଳୟରେ ଆଖି ଲାଗିଆସିଲେ ତୁରନ୍ତ ପାଣି ଅଧ ଗିଲାସେ ପିଇନେବେ ନଚେତ ପାଣି ଛିଟା ଆଖିରେ ମାରିବେ ।
ଆଳସ୍ୟ ଲାଗିଲେ ନିଜ ସ୍ଥାନରୁ ଉଠି କିଛି ସମୟ ଚଲାବୁଲା କରିଲେ ମଧ ଫୂର୍ତ୍ତି ଲାଗେ ।
ଦ୍ୱିପହର ଭୋଜନରେ ଅଧିକ ଖାଇବା ମଧ ଆଳସ୍ୟ ଲାଗିବାର ପ୍ରମୁଖ କାରଣ ଅଟେ ।
କାର୍ଯ୍ୟାଳୟରେ କାମ ପ୍ରତି ସଚେତନ ରହିବାକୁ ହେଲେ ରାତିବେଳା ପର୍ଯ୍ୟାପ୍ତ ପରିମାଣରେ ଶୋଇବା ବୁଦ୍ଧିମତ୍ତାର କାମ।

# ଏକାପଣର ବିକଳ୍ପ

କିଛି ଲୋକ ଏମିତି ଥାଆନ୍ତି ଯେଉଁ ମାନଙ୍କୁ ଏକୁଟିଆ ରହିବାକୁ ଭଲଲାଗେ ଓ ସେମାନେ ସ୍କୁଲ ବା କଲେଜ ପଢ଼ିବା ବେଳେ ସେତେ ବେଶି ସାଙ୍ଗ ବନାଇ ପାରନ୍ତି ନାହିଁ, ଯେତିକି ସାଙ୍ଗ ସାଧାରଣରେ ଗୋଟିଏ ପିଲା ବନେଇଥାଏ । ସାଙ୍ଗ ଥାନ୍ତି ବିପଦ ଆପଦରେ ସାହାଯ୍ୟ କରିବା ପାଇଁ, କିନ୍ତୁ ସେହି ଏକୁଟିଆ ରହୁଥିବା ପିଲାଟିର ସାହାଯ୍ୟକାରୀ କେହିନଥିବା କଥା କହି ହେବନାହିଁ ଯେହେତୁ ସେ ବେଶି ସାଙ୍ଗ ବନେଇ ନାହିଁ ଈଶ୍ୱର ଜୀବଜଗତର ସୃଷ୍ଟିକର୍ତ୍ତା, କୁହାଯାଏ ଯାହାର କେହି ନାହାନ୍ତି ତାର ଭଗବାନ ଅଛନ୍ତି । ଆମ ଜୀବନରେ କୌଣସି ପ୍ରକାର ସାହାଯ୍ୟ ବା କୌଣସି ଜିନିଷ ଆଶା କରିବା ଆମ ପକ୍ଷେ ହୋଇପଡ଼େ ନିରର୍ଥକ । କିନ୍ତୁ ଏହି ସମୟରେ ଆମେ ଯଦି ଈଶ୍ୱରଙ୍କୁ ସ୍ମରଣ କରି ମନରେ ତାଙ୍କ ନାମ ସୁମରି ଆଗକୁ ବଢ଼ି ଚାଲିବା ତେବେ ଆମର କୌଣସି ଅନିଷ୍ଟ ହୁଏ ନାହିଁ , ସବୁକାମ ସୁରୁଖୁରେ ହୋଇଯାଏ । ଯେଉଁମାନେ ସମାଜଠାରୁ ଦୂରରେ ରୁହନ୍ତି ସେମାନଙ୍କର ଏକମାତ୍ର ମାହାର ପାଲଟନ୍ତି ଈଶ୍ୱର, ଯାହାଙ୍କ ପାଇଁ ସେମାନେ ସାମାଜିକ ଜୀବନଠାରୁ ବେଶୀ ପ୍ରାଧାନ୍ୟ ଦିଅନ୍ତି ନିଜ କର୍ମ ଓ ଈଶ୍ୱରଙ୍କ ଉପରେ । ଏନେଇ ଅନେକ ଗବେଷଣା ମଧ କରାଯାଇଛି, ଯେଉଁଥିରେ ଗବେଷକମାନେ କହିଛନ୍ତି ଯଦି କୌଣସି ବ୍ୟକ୍ତି ସମାଜ ସହ ଭଲଭାବେ ମିଶୁ ନାହିଁ ବା ଜାତି ପାଇଁ ସେ ଏଭଳି କାର୍ଯ୍ୟ କରୁଛି, କଥାଟି ହେଲା ସେ ଈଶ୍ୱରଙ୍କ ପ୍ରତି ଅଗାଢ଼ ବିଶ୍ୱାସ ରହିଛି ଈଶ୍ୱରଙ୍କ ସହ ସଂଲଗ୍ନ ହେବା ଦ୍ୱାରା ଜୀବନରେ ଯେତେ ବାଧା ବିପତ୍ତି ଆସିଲେ ସୁଦ୍ଧା ଏମାନଙ୍କୁ ସବୁବେଳେ ମିଳିଯାଏ ସବୁ ବାଧା ବିପତ୍ତିରୁ ମୁକ୍ତି । ସେଥିପାଇଁ ଆମେ ସମସ୍ତେ ଝଡ଼ ଝଞ୍ଜାର ସାମ୍ନା କରିପାରିବା ।



# ମହିନ୍ଦ୍ରାର ନୂଆ 'ବୋଲେରୋ ନିଓ'

ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ପକ୍ଷରୁ ନୂଆ ବୋଲେରୋ ନିଓକୁ ଉନ୍ମୋଚନ କରାଯାଇଛି। ଏହାର ଏକ୍ସ ସୋ'ରୁମ୍ ଦାମ୍ ୮.୪୮ ଲକ୍ଷ ଟଙ୍କା ରଖାଯାଇଛି। ସ୍କର୍ପିଓ ଓ ଥରରେ କଂପାନି ବ୍ୟବହାର କରିଥିବା ତୃତୀୟ ପିଢ଼ିର ଚେଚିସ୍‌କୁ ଏଥିରେ ବ୍ୟବହାର କରିଛି। ସାତ ସିଟ୍ ବିଶିଷ୍ଟ ବୋଲେରୋ ନିଓ ତିନିଟି ଭାରିଆଣ୍ଟ୍ ଓ ସାତ ପ୍ରକାର ରଙ୍ଗରେ ଉପଲବ୍ଧ ହୋଇଛି। ଆଜିଠାରୁ ଏହା କଂପାନିର ଡିଲରସିପ୍‌ଗୁଡ଼ିକରେ ମିଳିବ। କଂପାନି ଉଭୟ ଆଗରୁ ଥିବା ବୋଲୋରୋ ମଡେଲ୍ ଓ ବୋଲେରୋ ନିଓକୁ ବିକ୍ରି କରିବ। ବୋଲେରୋ ନିଓରେ କଂପାନି ମହିନ୍ଦ୍ରା ଏମ୍‌ହକ୍ ଇଞ୍ଜିନ ବ୍ୟବହାର କରିଥିବା ବେଳେ ଏହାର ଭିତର ଓ ବାହ୍ୟ ପାର୍ଶ୍ୱକୁ ଆକର୍ଷଣୀୟ କରିଛି। ଇଟାଲିର ଏକ ସଂସ୍ଥା ଗାଡ଼ିର ଭିତର ପାର୍ଶ୍ୱର ଡିଜାଇନ୍ କରିଛି। ଏକ ଆଧୁନିକ ଏସ୍‌ୟୁଭି ଭଳି ଏଥିରେ ୭ ଇଞ୍ଚର ଟଚ୍‌ସ୍କ୍ରିନ୍ ସହିତ ଅନେକ ପ୍ରକାର ସୁରକ୍ଷା ବ୍ୟବସ୍ଥା ରହିଛି। ନୂଆ ପିଢ଼ିର ଗ୍ରାହକମାନଙ୍କୁ ନଜରରେ ରଖି କଂପାନି ଏହାକୁ ବିକଶିତ କରିଛି।

# ଜାଣନ୍ତୁ: କାହିଁକି ଅଫିସରେ ମହିଳାଙ୍କୁ ଏସି ପାଇଁ ହୋଇଥାଏ ସମସ୍ୟା

ଉଭୟ ପୁରୁଷ ଓ ମହିଳା କାମ କରୁଥିବା ଅଫିସରେ ଅନେକ ସମୟରେ ଏସିକୁ ନେଇ ଯଣାଓଟରା ଦେଖିବାକୁ ମିଳିଥାଏ । ଗରମ ଦିନେ ପୁରୁଷ କର୍ମଚାରୀ ଅଧିକ ଥଣ୍ଡା ପାଇଁ ଜୋର ଦେଉଥିଲା ବେଳେ ମହିଳା କର୍ମଚାରୀ ଏହାକୁ ବିରୋଧ କରିଥାନ୍ତି । ଅନେକ ସମୟରେ ସେମାନେ ସ୍ୱିଟର ଏବଂ ଜ୍ୟାକେଟ୍, ଷ୍ଟଲ, ସକ୍ସ ପିନ୍ଧି ଅଫିସରେ ବସିବାର ଦେଖିବାକୁ ମିଳିଥାଏ । ତେବେ ବିଜ୍ଞାନ ମଧ ଏହି ବିଷୟକୁ ଗ୍ରହଣ କରିଛି । ଯୁକ୍ତି ହେଉଛି ଥଣ୍ଡା ମହିଳା ଓ ପୁରୁଷଙ୍କ ଉପରେ ଭିନ୍ନଭିନ୍ନ ପ୍ରଭାବ ପକାଇଥାଏ । ପ୍ଲୋସ୍ ୱାନରେ ପ୍ରକାଶିତ ,କ ଗବେଷଣାତ୍ମକ ରିପୋର୍ଟ ଅନୁସାରେ ମହିଳାମାନେ ଅଧିକ ତାପମାତ୍ରାରେ ଭଲ ପ୍ରଦର୍ଶନ କରିଥାନ୍ତି । ଅନ୍ୟପଟେ ପୁରୁମୋନେ କମ ତାପମାତ୍ରାରେ ଭଲ ପ୍ରଦର୍ଶନ କରନ୍ତି । ଗବେଷକମାନେ ୫୦୦ ଲୋକଙ୍କୁଚ ନେଇ ୨୪ଟି ଗ୍ରୁପ୍ ବନାଇଥିଲେ । ଏଥିରୁ ଜଣାପଡ଼ିଥିଲା ଯେ, ଅଧିକ ତାପମାତ୍ରାରେ ମହିଳାଙ୍କ କାର୍ଯ୍ୟକରିବା ଧାରା ବେଶ ଭଲ ରହୁଛି । ଆଉ ଅଧିକ ଥଣ୍ଡାରେ ମହିଳାଙ୍କ କାର୍ଯ୍ୟପ୍ରଭାବିତ ହେଉଛି । ତେବେ ବଡ଼ ଚକିତ କଲାଭଳି ଘଟଣା ହେଉଛି ଯେ, ବିଶ୍ୱର ଅଧିକାଂଶ ବଡ଼ ଅଫିସ କାର୍ଯ୍ୟାଳୟରେ ତାପମାତ୍ରା ଏଭଳି ଭାବେ ସ୍ଥିରୀକୃତ କରାଯାଇଥାଏ । ଯେ, ଯାହା ପୁରୁଷମାନଙ୍କ ପାଇଁ ଆରାମଦାୟକ ହୋଇଥାଏ।
ରିପୋର୍ଟ ଅନୁସାରେ ମହିଳାଙ୍କ ଶରୀରରେ ମେଟାବୋଲିକ୍ ରେଯରେ ପୁରୁଷଙ୍କ ତୁଳନାରେ କମ ରହିଥାଏ । ଏଥିସହ ସେମାନଙ୍କ ଶରୀରରୁ କମ ହିଟ୍ ରିଲିଜ ହେଉଥିବାରୁ ତାହା ତାଙ୍କ ଶରୀରରକୁ ଗରମ ରଖିନଥାଏ । ତେଣୁ ଯେତେବେଳେ ଅଫସରେ କୌଣସି ମହିଳା କର୍ମଚାରୀ ଏସିକୁ ନେଇ ଅଭିଯୋଗ କରିଥାନ୍ତି ସେତେବେଳେ ଏହା ଗ୍ରହଣ କରିବା ଠିକ୍ ହେବ ଯେ, ପନ୍ତ୍ରକୃତରେ ଥଣ୍ଡାମାତ୍ରା ଅଧିକ ରହିଛି । ରିପୋର୍ଟରେ କୁହାଯାଇଛି ଯେ, ସାଧାରଣତଃ ମହିଳାମାନେ ୨୫ ଡିଗ୍ରୀ ସେଲସିୟସ ଚାହୁଁଥିଲାବେଳେ ପୁରୁଷମାନେ ୨୨ଡିଗ୍ରୀରେ ନିଜକୁ ଆରାମଦାୟକ ଅନୁଭବ କରିଥାନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜରୁରୀ ସଂଯମତା..

ଦେଶରେ କରୋନା ମହାମାରୀର ପ୍ରଭାବ ପ୍ରତିଦିନ କମିବାରେ ଲାଗିଥିଲେ ସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମେତ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ଭଳି ରାଜ୍ୟର କେତେକ ଜିଲ୍ଲାରେ ଏହାର ପ୍ରଭାବ ଏପର୍ଯ୍ୟନ୍ତ ସୁଦ୍ଧା ଉଦ୍‌ବେଗଜନକ ଅବସ୍ଥାରେ ରହିଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିନ୍ତା ପ୍ରକଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କଲାବେଳେ ପ୍ରଧାନମନ୍ତ୍ରୀ ଗୋଟିଏ ଅତି ବାସ୍ତବ ପରାମର୍ଶ ଦେଇଛନ୍ତି । ତାହା ହେଲା, ତୃତୀୟ ଲହର ଆସିବାକୁ ଅପେକ୍ଷା ନକରି ଏହାକୁ ଏଡ଼ାଇବା ସକାଶେ ଆମେ ଏବେଠାରୁ ଉପାୟ ଆପଣାଇବା ଉଚିତ । ଏହା କେବଳ ସେହିସବୁ ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । କାରଣ, ବୈଶ୍ୱିକ ମହାମାରୀ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ପରେ ଏବେ ବିଶ୍ୱର ଅନେକ ରାଷ୍ଟ୍ରରେ ଏହାର ତୃତୀୟ ଲହର ତାଣ୍ଡବଲୀଳା ରଚାଇବାକୁ ଆରମ୍ଭ କରିସାରିଲାଣି । ଏହାର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବ୍ରିଟେନ୍, ଋଷିଆ, ବାଂଲାଦେଶ ଓ ଇଣ୍ଡୋନେସିଆ ଭଳି ରାଷ୍ଟ୍ରମାନଙ୍କରେ ଦ୍ୱିତୀୟ ଲହର ଥମିବା ପରେ ପୁଣି ଥରେ ସେଠାରେ ଏହାର ପରିବର୍ତ୍ତିତ ଭେରିଆଣ୍ଟ୍, ଅର୍ଥାତ୍, କରୋନାର ପରିବର୍ତ୍ତିତ କାୟା ପ୍ରକୋପ ଦେଖାଇବା ଆରମ୍ଭ କରିଦେଲାଣି । ସେଥିପାଇଁ ସମଗ୍ର ବିଶ୍ୱ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଦିନକୁ ଦିନ ଏହାର ନୂଆ ନୂଆ ଭେରିଆଣ୍ଟ୍ ମିଳିବାରେ ଲାଗିଛି । ଡେଲଟା ପ୍ଲସ୍ ହେଉଛି ସଦ୍ୟତମ ରୂପ । ଭାରତରେ ମଧ୍ୟ ଏହି ଭୂତାଣୁ ଦୃଶ୍ୟ ହୋଇଛନ୍ତି । ଦ୍ୱିତୀୟ ଲହର ପରେ କରୋନାର ତୃତୀୟ ଲହରକୁ ନେଇ ଭାରତ ଏବେ ଚିନ୍ତାରେ । ତାହା କେବେ ଆସିବ ସେ ଆକଳନ ଲଗାଇବାରେ ବିଜ୍ଞାନୀ, ଚିକିତ୍ସକ, ସଂକ୍ରାମକ ରୋଗ ଅନୁସନ୍ଧାନକାରୀମାନେ ଲାଗିପଡ଼ିଛନ୍ତି । ସରକାର ଏଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଆଶ୍ୱସ୍ତିର କଥା କେନ୍ଦ୍ର ଓ ରାଜ୍ୟ ସରକାରମାନେ କରୋନା ବିରୋଧୀ ସଂଗ୍ରାମରେ ଏକମନରେ କାର୍ଯ୍ୟ କରୁଛନ୍ତି ଯାହା ଫଳରେ ଏବେ ଏହା ଉପରେ ଆୟତ୍ତ ଅଣାଯାଇପାରିଛି । ଦୁଇମାସ ପୂର୍ବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଚାରିଲକ୍ଷରୁ ଊର୍ଦ୍ଧ୍ୱରେ ରହିଥିବାବେଳେ ଏବେ ତାହା ୩୫ ହଜାର ତଳକୁ ଖସିଆସିଛି ଏବଂ ସଂକ୍ରମିତଙ୍କ ତୁଳନାରେ ଆରୋଗ୍ୟଙ୍କ ସଂଖ୍ୟା ଅଧିକ ରହିଛି । ଆରୋଗ୍ୟ ହାର୯୭ ଦଶମିକ ୨୮ ପ୍ରତିଶତ (ବୁଧବାର ସୁଦ୍ଧା) ଛୁଇଁଛି । ଏହି ଉପଲବ୍ଧି ଅବଶ୍ୟ ପ୍ରଶଂସନୀୟ । କିନ୍ତୁ କରୋନା ବିରୋଧୀ ସଂଗ୍ରାମରେ ଯେ ଚୂଡ଼ାନ୍ତ ବିଜୟ ହାସଲ ଏପର୍ଯ୍ୟନ୍ତ ବାକି ଅଛି ତାହା ଅନସ୍ୱୀକାର୍ଯ୍ୟ । ରୋଗ ଓ ଶତ୍ରୁ ବିପକ୍ଷରେ ସଂପୂର୍ଣ୍ଣ ବିଜୟ ହାସଲ ପର୍ଯ୍ୟନ୍ତ ବିଶ୍ରାମର ଅବସର ନାହିଁ । ବୋଲି ବିଜ୍ଞଜନମାନେ ଯେଉଁ ବାଣୀ ଶୁଣାଇଛନ୍ତି ତାହା ଅବଶ୍ୟ ଗ୍ରହଣୀୟ । ସମଗ୍ର ବିଶ୍ୱ ଏବେ ଟିକାକରଣକୁ କରୋନା ବିରୋଧରେ ପ୍ରଧାନ ଅସ୍ତ୍ର ଭାବେ ଗ୍ରହଣ କରିଛି ଏବଂ ଭାରତ ସେଥିରୁ ବାଦ୍ ପଡ଼ିନାହିଁ । ଦେଶରେ ଏବେ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ଜାରି ରହିଛି ଓ ଏପର୍ଯ୍ୟନ୍ତ ପ୍ରାୟ ୩୮ କୋଟି ୭୬ ଲକ୍ଷ ନାଗରିକଙ୍କୁ ଟିକାକରଣ କରାଯାଇସାରିଛି । ବର୍ଷ ଶେଷସୁଦ୍ଧା ସମସ୍ତ ଦେଶବାସୀଙ୍କୁ ଏହି ଟିକା ମାଗଣାରେ ଯୋଗାଇ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । ଏହା ଅଭିନନ୍ଦନୀୟ । କିନ୍ତୁ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ନାଗରିକମାନଙ୍କର ବିଶେଷ ଭୂମିକା ରହିଛି । ଆମର ଅମାନିଆ ଭାବ ଯୋଗୁ ଯଦି ସଂକ୍ରମଣ କମିବା ପରିବର୍ତ୍ତେ ବୃଦ୍ଧି ପାଏ, ତେବେ ନିଜକୁ ଦୋଷ ଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ତେଣୁ ନିଜକୁ ହିଁ ବଦଳାଇବାକୁ ପଡ଼ିବ ଓ କୋଭିଡ୍ ଉପଯୁକ୍ତ ଆଚରଣକୁ ଆପଣାଇବାକୁ ହେବ । ଏହା କେବଳ ନିଜ ପାଇଁ ନୁହେଁ, ସମାଜ ଓ ଦେଶ ପାଇଁ ଏକାନ୍ତ ଜରୁରି । ସେହି ମର୍ମରେ ଦେଶର କେତେକ ରାଜ୍ୟର ନିର୍ଦ୍ଦିଷ୍ଟ ପକେଟରେ କରୋନାର ଯେଉଁ ପ୍ରାଦୁର୍ଭାବ ରହିଛି ତାହା ଯେତେଶୀଘ୍ର ନିୟନ୍ତ୍ରଣକୁ ଆସିବ ସେତେ ଭଲ । ଏଥିସହ ସମ୍ଭାବ୍ୟ ତୃତୀୟ ଲହର ଆସିବା ପୂର୍ବରୁ ଆମେ ନିଜକୁ ରଣନୀତିକ ଭାବେ ଏଭଳି ପ୍ରସ୍ତୁତ କରିବା ଆବଶ୍ୟକ ଯଦ୍ୱାରା ଏହା ସାମାନ୍ୟ ପ୍ରଭାବ ପକାଇ ଅପସରିଯିବ । ଦେଶ ଓ ଦେଶବାସୀ ସୁରକ୍ଷିତ ରହିପାରିବେ । ସ୍ମରଣଯୋଗ୍ୟ ଯେ ବ୍ରିଟେନ୍ ସମେତ କେତେକ ୟୁରୋପୀୟ ରାଷ୍ଟ୍ର ପ୍ରଥମ ଲହର ପରେ କଟକଟା କୋହଳ ସମେତ କେତେକ ୟୁରୋପୀୟ ରାଷ୍ଟ୍ର ପ୍ରଥମ ଲହର ପରେ କଟକଣା କୋହଳ ସମେତ କୋଭିଡ ଉପଯୁକ୍ତ ଆଚରଣକୁ କଡ଼ାକଡ଼ି ଭାବେ ଆପଣାଇ ନଥିବା ଯୋଗୁ ଦ୍ୱିତୀୟ ଲହର ବେଳେ ଅତି ଦୟନୀୟ ଅବସ୍ଥାର ସମ୍ମୁଖୀନ ହୋଇଥିଲେ । ଭାରତ ମଧ୍ୟ ଦ୍ୱିତୀୟ ଲହରକୁ କିଛି କମ୍ ଶିକ୍ଷା ଲାଭ କରିନାହିଁ । ତେଣୁ ସେହି ଭୁଲ୍ ଯେପରି ଆଉଥରେ ଦୋହରାନଯାଏ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଏବେ ଜନସାଧାରଣଙ୍କ ପାଇଁ ଏକାନ୍ତ ଆବଶ୍ୟକ ।

## ହେରା ପଞ୍ଚମୀ



**ଦିଲ୍ଲୀପ ସାହୁ**

ଶରଧା ବାଲିରେ ତିନିରଥ । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ । ଗୁଣ୍ଡିଚା ମନ୍ଦିର ଦିଗକୁ ମୁହଁ କରି ଦଣ୍ଡାୟମାନ ହୋଇଥାନ୍ତି ରଥ ତ୍ରୟ । ଜନ୍ମବେଦୀରେ ବିରାଜିତ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ । ଭାଇ ଭଉଣୀଙ୍କ ସହ ଆଡପ ମଣ୍ଡପ ରେ ସେ ଲୀଳା ରଚୁଥାନ୍ତି । ସାରା ବର୍ଷ ଶୂନ୍ୟ ରହିଥିବା ଗୁଣ୍ଡିଚା ମନ୍ଦିର ହେଉଥାଏ ଚଳଚଞ୍ଚଳ । ତେଣେ ଖାଲି ପଡିଥାଏ ଶ୍ରୀମନ୍ଦିର, ଖାଲି ପଡିଥାଏ ରତ୍ନବେଦୀ । ମହାପ୍ରଭୁ ନାହାନ୍ତି ବୋଲି ବିରହ ବେଦନାରେ ଛଟପଟ ହେଉଥାନ୍ତି ମାଆ, ଲକ୍ଷ୍ମୀ ସାଆନ୍ତାଣୀ । ସଂସାର ହାଟର ଏହି ଅପୂର୍ବ ନାଟ, 'ପ୍ରେମ ଓ ବିରହ'। ଯାହାର ପ୍ରତିଫଳନ ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ହେରାପଞ୍ଚମୀ ଉତ୍ସବ । ହେରା ଅର୍ଥ ଦେଖିବା ଓ ଏହି ଉତ୍ସବ ଶ୍ରୀଗୁଣ୍ଡିଚାର ପଞ୍ଚମ ଦିନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ହେରାପଞ୍ଚମୀ ଉତ୍ସବ କୁହାଯାଏ । ଶ୍ରୀକ୍ଷେତ୍ରରେ ବାରମାସରେ ତେର ଯାତ୍ରା ଅନୁଷ୍ଠିତ ହୁଏ । ସେଥିମଧ୍ୟରୁ ରଥଯାତ୍ରା ଶ୍ରେଷ୍ଠ ଯାହାକି ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ଯିବାଠାରୁ ଆରମ୍ଭ ହୋଇ ନୀଳାଦ୍ରି ବିଜେରେ ଶେଷ ହୋଇଥାଏ । ରଥଯାତ୍ରାର ଯେତେ ସବୁ ଉପଯାତ୍ରା ରହିଛି ସେଥିମଧ୍ୟରେ ଶ୍ରେଷ୍ଠ ହେରାପଞ୍ଚମୀ । ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ମାଆ ମହାଲକ୍ଷ୍ମୀ । ସ୍କନ୍ଦ ପୁରାଣ ଅନୁସାରେ ପ୍ରଥମରୁ ଏହି ଯାତ୍ରା ପୂଜକମାନଙ୍କ ମନ୍ତ୍ର ଉଚ୍ଚାରଣରେ ଅନୁଷ୍ଠିତ ହେଉଥିଲା । ମାଦଳାପାଞ୍ଜିର ବର୍ଣ୍ଣନା ଅନୁସାରେ ରାଜା କପିଳେନ୍ଦ୍ରଦେବ ମହାଲକ୍ଷ୍ମୀଙ୍କର ସୁବର୍ଣ୍ଣ ଚଳନ୍ତି ପ୍ରତିମା ଗଢାଇ ହେରାପଞ୍ଚମୀ ଉତ୍ସବକୁ ନୂଆ ରୂପ ଦେଇଥିଲେ, ଯେଉଁଥିରେ ମାଆଙ୍କର ବିଜେ ପ୍ରତିମା ଆଷାଢ଼ ଶୁକ୍ଳ ଷଷ୍ଠୀ ରାତିରେ ବିମାନାରୁଢ ହୋଇ ମହାପ୍ରଭୁଙ୍କୁ ଖୋଜିଖୋଜି ଗୁଣ୍ଡିଚା ମନ୍ଦିରକୁ ଆସିଥାନ୍ତି ।

ଭାବ ଆବେଗର ଯାତ୍ରା ହେରାପଞ୍ଚମୀ । ମାନ ଅଭିମାନର ଯାତ୍ରା ହେରାପଞ୍ଚମୀ । ପ୍ରେମ ବିରହର ଯାତ୍ରା ହେରାପଞ୍ଚମୀ ।

ଶ୍ରୀଗୁଣ୍ଡିଚା ପୂର୍ବରୁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୁଏ ରୁକ୍ମିଣୀ ବା ମାଆ ଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ବିବାହ ଉତ୍ସବ । ଏହାର ଦିନକେଇଟା ପରେ ରଥଯାତ୍ରା । ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ପ୍ରଭୁ ଯାଆନ୍ତି ଜନ୍ମ ବେଦୀକୁ । ଶ୍ରୀମନ୍ଦିରରେ ଏଣେ ଏକା ରୁହନ୍ତି ରୁକ୍ମିଣୀ ବା ମାଆ ମହାଲକ୍ଷ୍ମୀ । ସ୍ୱାମୀଙ୍କ ଅନୁପସ୍ଥିତି ତାଙ୍କୁ ବାଧିବା ସ୍ୱାଭାବିକ । ତେଣୁ ବିରହ ଜ୍ୱାଳାରେ ଜର୍ଜରିତା ସାଗର ତନୟା ମା' ଲକ୍ଷ୍ମୀ ଗୁଣ୍ଡିଚା ଯାତ୍ରାର ପଞ୍ଚମ ଦିନରେ ମହାପ୍ରଭୁଙ୍କୁ ଖୋଜିଖୋଜି ବାହାରନ୍ତି ଗୁଣ୍ଡିଚା ମନ୍ଦିର ଅଭିମୁଖେ ।

ମହାପ୍ରଭୁଙ୍କ ସେବାରେ ଖଟନ୍ତି ଛତିଶିପାଟକ ସେବକ । ହେରାପଞ୍ଚମୀ ଯାତ୍ରାରେ ଯେଉଁ ସେବକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ସେମାନେ ହେଲେ ପତିମହାପାତ୍ର, ପାଳିଆପୁଷ୍ପାଳକ, ଚାଙ୍ଗଡ଼ା ମେକାପ, ପାଳିଆମେକାପ, ପୂଜାପଣ୍ଡା, ମୁଦୁଲି, ମହାଜନ, ବିମାନ ବଡୁ, ପତ୍ରୀ, ଭିତରଛୁ ମହାପାତ୍ର ଓ ଗରାବଡୁ ।

ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଭବରେ ବିଦିତ । ରଥଯାତ୍ରା ସମୟରେ ମାଆ ଜଗମୋହନ ରେ ଥାଆନ୍ତି । ହେରାପଞ୍ଚମୀ ଯାତ୍ରା ପୂର୍ବରୁ ମାଆ ବେଶ ହେବାପାଇଁ ଶ୍ରୀମନ୍ଦିରର ଭଣ୍ଡାର ଘରକୁ ଯାଆନ୍ତି । ମହାଜନମାନେ ତାଙ୍କର ପୂଜାର୍ଚ୍ଚନା କରିଥାନ୍ତି । ସେଦିନ ମାଆଙ୍କ ମାଜଣା ପରେ ଚାଙ୍ଗଡ଼ା ମେକାପଙ୍କ ଠାରୁ ଶାଢୀ ଓ ଗହଣା ଅଣାଯାଇ ମାଆଙ୍କୁ ବେଶ କରାଯାଏ । ମାଆ ବେଶ ହେବାପରେ ତାଙ୍କଠାରେ ପନ୍ଥି ଭୋଗ ଅର୍ପଣ କରାଯାଏ । ପନ୍ଥି ଭୋଗପରେ ମାଆଙ୍କୁ ବିମାନାରୁଢ କରାଯାଏ । ବିମାନବଡୁ ସେବକମାନେ ମାଆଙ୍କର ବିମାନକୁ ଝୁଲାଇ ଝୁଲାଇ ବୋହି ନିଅନ୍ତି ଗୁଣ୍ଡିଚା ମନ୍ଦିର ଅଭିମୁଖେ ।



ମାଆ ମହାଲକ୍ଷ୍ମୀଙ୍କ ବିମାନ ଶୋଭାଯାତ୍ରାର ଆଗରେ ଥାଏ ଛତ୍ରି ତରାସ । ବାଜେ କାହାଳୀ, ବଜା ଓ ଘଣ୍ଟ । ଜଳୁଥାଏ ମଶାଲ । ବିମାନ ବଡୁମାନେ ବିମାନକୁ ହଲାଇ ଝୁଲାଇ ନେବାର ଦୃଶ୍ୟ ଭକ୍ତଙ୍କ ମନ ମୋହିନିଏ ।

ବଡଦାଣ୍ଡର ବିଭିନ୍ନ ସ୍ଥାନରେ ମାଆଙ୍କୁ ପନ୍ଥି ଭୋଗ ଅର୍ପଣ କରାଯାଏ । ବିମାନ ବଡୁମାନେ ବିମାନ ଅଟକାନ୍ତି । ମାଆଙ୍କୁ ଅର୍ପଣ କରାଯାଏ ନୈବେଦ୍ୟ । ତାପରେ ପୁଣି ଆରମ୍ଭ ହୁଏ ଯାତ୍ରା ।

ମାଆଙ୍କର ବିମାନ ପହଞ୍ଚେ ମହାପ୍ରଭୁଙ୍କ ଦିବ୍ୟ ରଥ ନନ୍ଦିଘୋଷ ନିକଟରେ । ପତିମହାପାତ୍ର ଆରମ୍ଭ କରନ୍ତି ପୂଜାର୍ଚ୍ଚନା । ସେଠାରେ ମାଆଙ୍କ ନିକଟରେ ରାଜନୀତି ବନ୍ଦାପନା କରାଯାଏ, ଦହିପତି ଭୋଗଲାଗି ହୁଏ ଓ ଆଳତୀ ଅର୍ପଣ କରାଯାଏ ।

ପୂଜାର୍ଚ୍ଚନା ପରେ ମାଆଙ୍କୁ ଗୁଣ୍ଡିଚା ମନ୍ଦିର ମଧ୍ୟକୁ ମନ୍ଦିରର ସିଂହଦ୍ୱାର ଦେଇ ନିଆଯାଏ । ମହାପ୍ରଭୁଙ୍କୁ ମାଆଙ୍କ ଆଗମନ ସମ୍ପର୍କରେ ସୂଚନା ଥାଏ, ହେଲେ ସେତେବେଳେ ଭୋଗ ଲାଗି ହେଉଥିବାରୁ ଟେରା ପଡିଥାଏ ଅର୍ଥାତ କବାଟ ବନ୍ଦଥାଏ । ତେଣୁ ମାଆ ଆଉ ପ୍ରଭୁଙ୍କୁ ଦର୍ଶନ କରିପାରନ୍ତିନାହିଁ । କିନ୍ତୁ ସେବକମାନେ ମାଆଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ମାଳ ପ୍ରଦାନ କରନ୍ତି । ପ୍ରଭୁଙ୍କୁ ଦର୍ଶନ ନକରିପାରିବାରୁ ମାଆଙ୍କର ରାଗ ଆହୁରି ବଢିଯାଏ । ତାପରେ ମାଆ ଆଉ ଅପେକ୍ଷା ନକରି ନାକଚଣା ଦ୍ୱାର ଦେଇ ଗୁଣ୍ଡିଚା ମନ୍ଦିର ବାହାରକୁ ଆସନ୍ତି ଓ ନନ୍ଦିଘୋଷ ରଥର କାଠଖଣ୍ଡେ ଭାଙ୍ଗନ୍ତି । ଏହାପରେ ମାଆ ବଡଦାଣ୍ଡ ଦେଇ ନଫେରି ହେରା ଗଉରୀ ସାହି ଦେଇ ଶ୍ରୀମନ୍ଦିରକୁ ଲେଉଟନ୍ତି । ଏହା ସହିତ ଶେଷ ହୋଇଥାଏ ରଥଯାତ୍ରାର ଏହି ମହାନ ଉପଯାତ୍ରା ହେରାପଞ୍ଚମୀ ।


+ ଶଙ୍କରପୁର, ଚାରବାଟିଆ,
ଚୌଦ୍ୱାର, କଟକ
ମୋ: ୯୮୬୧୧୨୬୧୯୭


## ବିଶ୍ୱ ସର୍ପ ଦିବସ



**ବୈଷ୍ଣବ ମେହେର**

ଖାଦ୍ୟ ଶୃଙ୍ଖଳାରେ ସନ୍ତୁଳନ ରକ୍ଷା ସହ ଜୀବଜଗତର କଲ୍ୟାଣ ନିମିତ୍ତ ଅନ୍ୟାନ୍ୟ ଜୀବଙ୍କ ଭଳି ସାପର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ସାପର ନାଁ ଶୁଣିଲା ମାତ୍ରେ ଅଧିକାଂଶ ଲୋକଙ୍କ ମନରେ ଆପଣା ଛାଏ ଛନକା ପଶିଯାଏ । ପୃଥିବୀ ପୃଷ୍ଠରେ ଅନେକ ପ୍ରଜାତିର ବିଷହୀନ ସାପ ରହିଥିଲେ ମଧ୍ୟ କିଛି ବିଷଧର ସାପ ଯୋଗୁଁ ସାଧାରଣତଃ ସାପ ପ୍ରତି ଏତେ ଭୟ ସୃଷ୍ଟି ହୁଏ । ପୁନଶ୍ଚ ପାରମ୍ପରିକ ଭାବରେ ସାପକୁ ନେଇ ଲୋକଙ୍କ ମନରେ ଅନେକ ପ୍ରକାର ଅନ୍ଧବିଶ୍ୱାସ ରହିଛି । ବିଜ୍ଞାନ ଯୁଗର ମଣିଷ ବିକାଶର ଚରମ ସୀମାକୁ ଛୁଇଁ ଥିଲେ ହେଁ, ଏବେ ବି ସାପ କାମୁଡ଼ିଲେ ଡାକ୍ତରି ଚିକିତ୍ସା କରିବା ପରିବର୍ତ୍ତେ ଅନେକ ଲୋକ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରିଥାନ୍ତି । ଫଳରେ ଠିକ୍ ସମୟରେ ଉଚିତ ଚିକିତ୍ସା ଅଭାବରୁ ସାପ କାମୁଡ଼ାର ଶିକାର ହୋଇଥିବା ବ୍ୟକ୍ତିର ଅକାଳ ବିୟୋଗ ଘଟିଥାଏ । ସାପ କାମୁଡ଼ି ଦେବା ଭୟରେ ଅନେକ ସ୍ଥଳରେ ଲୋକେ ସାପକୁ ଦେଖିଲା ମାତ୍ରେ ଗୋଡ଼ାଇ ଗୋଡ଼ାଇ ମାରି ଦେଇଥାନ୍ତି । ଅପରପକ୍ଷେ ସାପ ଏକ ନିରୀହ ପ୍ରାଣି ହୋଇଥିବା ବେଳେ ତାର ଶରୀରକୁ ଆଘାତ ନ କରିବା ଯାଏଁ ସେ କାହାର କିଛି କ୍ଷତି କରେ ନାହିଁ । ବାସ୍ତବରେ ସାପ ନିଜର ସୁରକ୍ଷା ପାଇଁ ହିଁ ଅନ୍ୟକୁ ଆଘାତ କରିବାକୁ ବାଧ୍ୟ ହୋଇଥାଏ । ସାପକୁ ଦେଖିଲେ ମଣିଷ ଯେତିକି ଭୟ କରେ ମଣିଷକୁ ଦେଖି ତା'ଠୁ ଅଧିକ ସାପ ଭିତରେ ମଧ୍ୟ ଭୟ ଜାତ ହେଉଥିବା କୁହାଯାଏ । ଭୌତିକାନୁଗତ ମଣିଷ ଜଙ୍ଗଲ କାଟି ସବୁଜ ପରିବେଶର ଦ୍ରୁତ ଅବକ୍ଷୟ କରିବା ଏବଂ ଜଳବାୟୁରେ ଆହେତୁକ ପରିବର୍ତ୍ତନ ଯୋଗୁଁ ସାପ ମାନେ ବାସହରା ଓ ଖାଦ୍ୟହରା ହୋଇ ପଡ଼ିଛନ୍ତି । ଫଳରେ ଖାଦ୍ୟ ଅନ୍ୱେଷଣ ଏବଂ ସୁରକ୍ଷିତ ବଂଶ ବିସ୍ତାର କରିବା ପାଇଁ ସାପମାନେ ବାଧ୍ୟ ହୋଇ ଜନବସତି ଆଡ଼କୁ ମୁହାଁଉଥିବା ବିଶେଷଜ୍ଞମାନେ କହନ୍ତି । ଫଳରେ ମଣିଷ ଓ ସାପଙ୍କ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହୋଇ ଉଭୟ ମଣିଷ ଏବଂ ସାପର ଜୀବନହାନି ଘଟୁଛି ।

ସାଧାରଣରେ ସାପ ପ୍ରତି ରହିଥିବା ଆତଙ୍କ ଓ ଭୁଲଧାରଣା ଦୂର କରିବା ସହ ଏହି ପ୍ରାଚୀନ ଜୀବର ବିଭିନ୍ନ ପ୍ରଜାତି ବିଷୟରେ ଜାଣିବା, ତାର ପ୍ରାକୃତିକ ଆବାସସ୍ଥଳୀ, ଖାଦ୍ୟ ଆହରଣ, ସାପ ମଣିଷ ବିବାଦର କାରଣ ଓ ସାପ ପ୍ରତି ସତର୍କତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ମାସ ୧୬ ତାରିଖକୁ 'ବିଶ୍ୱ ସର୍ପ ଦିବସ' ଭାବରେ ପାଳନ କରାଯାଇ ଆସୁଛି । ଅଦ୍ୟାବଧି ବିଶ୍ୱରେ ୩୪୫୮ ପ୍ରଜାତିର ସାପ ଚିହ୍ନଟ କରାଯାଇଛି । ଆମ ଦେଶ ଭାରତରେ ୩୦୦ରୁ ଊର୍ଦ୍ଧ୍ୱ ଏବଂ ଓଡ଼ିଶାରେ ପ୍ରାୟ ୮୨ ପ୍ରଜାତିର ସାପ ରହିଥିବା ବିଭିନ୍ନ ଗବେଷଣାତ୍ମକ ତଥ୍ୟରୁ ଜଣାପଡ଼େ । ଭାରତରେ ରହିଥିବା ସାପମାନଙ୍କ ମଧ୍ୟରୁ ପ୍ରାୟ ୮୨ ପ୍ରତିଶତ ସାପ ବିଷହୀନ ହୋଇଥାନ୍ତି । ବଳକା ୧୮ ପ୍ରତିଶତ ସାପ ବିଷଧର ହୋଇଥିଲେ ମଧ୍ୟ ଏହି ସବୁ ସାପଙ୍କ ଦଂଶନ ଜନିତ ବିଷକ୍ରିୟାରୁ ସୁସ୍ଥ ହେବା ପାଇଁ ସଂପ୍ରତି ଉନ୍ନତ ଚିକିତ୍ସା ପଦ୍ଧତି ଉପଲବ୍ଧ ହୋଇସାରିଛି । ତେଣୁ ସାପ କାମୁଡ଼ି ଦେଲେ ଅଯଥା କାଳବିଳମ୍ବ ନକରି ଅତିଶୀଘ୍ର ଡାକ୍ତରି ଚିକିତ୍ସା କରାଯାଇ ପାରିଲେ ରୋଗୀ ସୁସ୍ଥ ହେବାର ସମ୍ଭାବନା ଖୁବ ଅଧିକ ଥାଏ । କିନ୍ତୁ ଅନେକ କ୍ଷେତ୍ରରେ ଲୋକଙ୍କ ଅସଚେତନତା, ଅନ୍ଧବିଶ୍ୱାସ ଯୋଗୁଁ ରୋଗୀ ନିଜ ଲୋକଙ୍କ ଦ୍ୱାରା ଅବହେଳାର ଶୀକାର ହୋଇ ମୃତ୍ୟୁ ମୁଖରେ ପଡୁଥିବା ଦେଖାଯାଏ । ବିଶ୍ୱରେ ପ୍ରତିବର୍ଷ ସାପ କାମୁଡ଼ାରେ ଲକ୍ଷାଧିକ ମଣିଷଙ୍କ ଜୀବନ ଯାଇଥାଏ । ଭାରତରେ ସଡ଼କ ଦୁର୍ଘଟଣା ପରେ ଦ୍ୱିତୀୟ ମୁଖ୍ୟ ଦୁର୍ଘଟଣା ହେଉଛି ସର୍ପ ଦଂଶନ । ଆମ ଦେଶରେ ସାପ କାମୁଡ଼ାରେ ବର୍ଷକୁ ୫୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଉଥିବା ଆକଳନ କହେ । ଚିନ୍ତାର ବିଷୟ ଯେ, ସର୍ପ ଦଂଶନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ଚାରି ଭାଗରୁ ଏକ ଭାଗ ଶିଶୁ ରହିଛନ୍ତି । ଆଣ୍ଟାର୍କଟିକା ମହାଦେଶରେ ଆଦୌ ସାପ ଦେଖାଯାଉ ନଥିବା ବେଳେ ନ୍ୟୁଜିଲାଣ୍ଡରେ କୌଣସି ସ୍ଥଳଚର ସାପ ଦେଖା ଯାଆନ୍ତି ନାହିଁ । କିନ୍ତୁ ବ୍ରାଜିଲର ଏକ ଦ୍ୱୀପରେ ପ୍ରତି ଗୋଟିଏ ବର୍ଗ ମିଟରରେ ପାଂଚଟି ସାପ ଦେଖା ଯାଆନ୍ତି । ଫଳରେ



ଉକ୍ତ ଦ୍ୱୀପକୁ ନିଷିଦ୍ଧ ଅଂଚଳ ଭାବରେ ଘୋଷଣା କରାଯାଇଛି ।

ପୂର୍ବ ଅପେକ୍ଷା ଗତ କିଛି ବର୍ଷ ହେଲା ସାପକୁ ନେଇ ଧିରେଧିରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବାରେ ଲାଗିଛି । ଅନେକ ସାପଧରାଳି ଗ୍ରାମାଂଚଳରେ ଏବେ ସାପ ଧରୁଥିବା ଦେଖିବାକୁ ମିଳୁଛି । ଫଳରେ ଲୋକେ ଆଗ ଭଳି ସାପଟିଏ ଦେଖିଲେ ତାକୁ ମାରି ନଦେଇ ସାପ ଧରାଳିଙ୍କ ସହଯୋଗ ନେଉଛନ୍ତି । ସାପଧରାଳି ମାନେ ମଧ୍ୟ ସାପକୁ ନମାରି ତାକୁ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଉଥିବା କିମ୍ବା ବନ ବିଭାଗକୁ ହସ୍ତାନ୍ତର କରୁଥିବା ଦେଖିବାକୁ ମିଳୁଛି । ତେବେ ଗ୍ରାମାଂଚଳର ଅନେକ ସ୍ଥଳରେ ଅଣତାଲିମ ପ୍ରାପ୍ତ ସାପଧରାଳି ବିନା ସରଞ୍ଜାମରେ ବିପଦପୂର୍ଣ୍ଣ ଭାବରେ ସାପ ଧରୁ ଥିବା କାରଣରୁ ବିଭିନ୍ନ ପ୍ରକାର ଅଘଟଣ ମଧ୍ୟ ଘଟୁଛି । ସରକାରଙ୍କ ତରଫରୁ ସାପଧରାଳି ମାନଙ୍କୁ ଚିହ୍ନଟ କରି ସେମାନଙ୍କ ପଞ୍ଜିକରଣ କରିବା ସହ ପ୍ରଶିକ୍ଷିତ କରାଗଲେ ଏହା ଉଭୟ ସାପଧରାଳି ଓ ସାଧାରଣ ଲୋକଙ୍କ ପାଇଁ ଅଧିକ ଲାଭଦାୟକ ହୋଇ ପାରନ୍ତା। ଆବଶ୍ୟକ ପ୍ରଶିକ୍ଷଣ ଓ ସଚେତନତାର ଅଭାବ କାରଣରୁ କିଛି ସାପଧରାଳି ବାହାଦୁରି ଦେଖାଇବାକୁ ଯାଇ ସାପକୁ ଦାଣ୍ଡରେ ଖେଳାଇବାରେ ଲାଗନ୍ତି । ସାପ ଧରିବା ଓ ଖେଳାଇବା ବେଳର ଫଟୋ ଉଠାଇ କିମ୍ବା ଭିଡ଼ିଓ ସୁଟିଂ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିଥାନ୍ତି । ଏଭଳି କାର୍ଯ୍ୟ ଉଭୟ ମଣିଷ ଏବଂ ସାପଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଥିବା ଯୋଗୁଁ ୧୦୧୪ ଡିସେମ୍ବର ୩୦ରୁ ୱାଇଲ୍ଡ ଲାଇଫ ଲାଇନ୍ କନଟ୍ରୋଲ ବ୍ୟୁରୋ ତରଫରୁ ବନ୍ୟପ୍ରାଣୀଙ୍କୁ ଧରି ଖେଳ ଖେଳାଇବା ଓ ଏହାର ଭିଡ଼ିଓକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ସଂପୂର୍ଣ୍ଣ ଅବୈଧ ଘୋଷଣା କରାଯାଇଛି । ଏପରି କରିବାକୁ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ର ଉଲଂଘନ ଜନିତ ଅପରାଧ ଧରାଯାଇ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯାନୁଷ୍ଠାନର ବ୍ୟବସ୍ଥା ରହିଛି । ତଥାପି ସଚତନତାର ଅଭାବ କାରଣରୁ ଅନେକ ବ୍ୟକ୍ତି ସାପକୁ ଧରି ଦୁଃସାହସିକ କାର୍ଯ୍ୟ କରୁଥିବା ଦୃଶ୍ୟ ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ଏବେ ତ ଅନେକ ବିରଳ ପ୍ରଜାତିର ସାପ ବେଆଇନ ଭାବରେ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ଏହି ସାପ ଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଥିବା ମଧ୍ୟ ଚର୍ଚ୍ଚା ହେଉଛି । ଫଳରେ ଅନେକ ମାଫିଆ ସାପର ଚୋରା କାରବାରରେ ମାତିଥିବା ଖବର ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । ସାପ ଚୋରା ଚାଲାଣକୁ ରୋକା ନଗଲେ ଏହା ସାପ ଭଳି ଏକ ନିରୀହ ସରୀସୃପ ପାଇଁ ଆଗାମୀ ଦିନରେ ବଡ଼ ବିପଦ ହୋଇ ଯାଇପାରେ ।

ସାପ ମଣିଷର ଶତ୍ରୁ ନୁହେଁ । ବରଂ ଆମ ପରିବେଶର ଶୃଙ୍ଖଳିତ ଭାରସାମ୍ୟ ସକାଶେ ଅନ୍ୟ ଜୀବଙ୍କ ଭଳି ସାପ ମାନେ ରହିବା ନିତାନ୍ତ ଆବଶ୍ୟକ । ଆମେ ଭୁଲିଯିବା ଉଚିତ ନୁହେଁ ଯେ, ସାପମାନଙ୍କ ବିଷ ସଂଗ୍ରହ କରି ସେଥିରୁ ପ୍ରସ୍ତୁତ ଔଷଧ୍ୟ ଓ ଇଞ୍ଜେକସନ ଦ୍ୱାରା ବହୁ ବଡ଼ ବଡ଼ ରୋଗର ଉପଶମ କରାଯାଇ ମୂଲ୍ୟବାନ ମଣିଷ ଜୀବନକୁ ରକ୍ଷା କରାଯାଇ ପାରୁଛି । ଏଭଳି ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ସାପ ମଣିଷ ସମାଜର ବହୁବିଧ ଉପକାର କରିଥାଏ । ତେଣୁ ସାପକୁ ଶତ୍ରୁ ନଭାବି ଆମ ପରିବେଶରେ ସାପର ଆବଶ୍ୟକତାକୁ ନେଇ ସଚେତନ ଓ ସତର୍କ ହେଲେ ହିଁ 'ବିଶ୍ୱ ସର୍ପ ଦିବସ' ପାଳନର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ।


+ ସିନାପାଲି, ନୂଆପଡ଼ା


## କବିତା କୋଣାର୍କ

### ଜୟ ଜଗନ୍ନାଥ...

**ସୁଧାଂଶୁ ଶେଖର ଦ୍ୱିବେଦୀ**



ଅଟନ୍ତି ସେ ସର୍ବୋଚ୍ଚ ଅନନ୍ତର ଶକ୍ତି
ହର୍ତ୍ତା କର୍ତ୍ତା ସୃଷ୍ଟି ନିମନ୍ତେ ଭକ୍ତି।
ତାଙ୍କଦ୍ୱାରା ସଂଚାଳିତ ସମସ୍ତ ପ୍ରାଣୀ
କୃପା କଲେ ଚାଲେ ଶକ୍ତି ଜୀବନୀ।
ସେ ସ୍ରଷ୍ଟା ସଂସାରର ପୁଣି ଶାସକ
ପ୍ରଭୁ-ପରମାତ୍ମା-ପ୍ରଜାପାଳକ।
ତାଙ୍କ ସୃଷ୍ଟିରେ ପ୍ରକୃତିର ସୁନ୍ଦରତା
ପ୍ରତିଟି ରେଣୁରେ ବି ସେ ହିଁ ବିଧାତା।
ତାଙ୍କଠାରୁ ହୋଇଛି ବ୍ରହ୍ମାଣ୍ଡ ରଚନା
କ୍ରିୟା ପ୍ରକ୍ରିୟାର କରନ୍ତି ଚାଳନା।
ସେଇ ପରା ଶକ୍ତି,ଆଶା ଓ ବିଶ୍ୱାସ
ସର୍ବବ୍ୟାପୀ ସର୍ବ ସ୍ପନ୍ଦିତ ଦେବେଶ।
ପରଂବ୍ରହ୍ମ ସଗୁଣ ଜଗତ ଶ୍ରେଷ୍ଠ
ତାଙ୍କ ନାମେ ଦୂର ଜୀବନର କଷ୍ଟ।
ସର୍ବଶକ୍ତିମାନ ସେ ସର୍ବତ୍ର ବ୍ୟାପ୍ତ
ସୃଷ୍ଟି ରକ୍ଷକ ପୁଣି ପ୍ରାପ୍ତ ଅପ୍ରାପ୍ତ।
ମାନବର ଉତ୍ପତ୍ତି ତାଙ୍କରି ପାଇଁ
ଦର୍ଶନ ମାତ୍ରେ ଯାଏ ମୁଣ୍ଡଟି ନଇଁ।
ସେ ପରା ଅନାଥ ନାଥ ଜଗନ୍ନାଥ
ଜୟ ଜଗନାଥ ଜୟ ଜଗନ୍ନାଥ।


+ ବିସି-୭୪,ସଲଟ
ଲେକ,କଲକାତା-୬୪
ମୋ-୬୨୯୧୩୪୨୨୫୯


### ଗାଁ ! ତୋତେ ଝୁରିହୁଏ...

**ନବୀନ ସାହୁ**



ତୋତେ ଛାଡ଼ି ଆସିଲା ପରେ
ଏଠି ଖାଲି ଝୁରୁଥିଲି
ଚଉଦିଗେ ଖୋଜୁଥିଲି
ତୋର ସେହି ଶ୍ୟାମଶସ୍ୟ
ମନୋହର ଦୃଶ୍ୟ ନିର୍ମଳ ଆକାଶ ।
ତୋର ଉଦାର ହୃଦୟେ
ଯେବେ ମୋତେ ସ୍ଥାନ ଦେଇଥିଲୁ,
ସେହି ସ୍ଥାନ ଆଉ କିଏ ଦେବ ,
କେମିତି ତୁ ବିଶ୍ୱାସ କରିଲୁ ?

ହଁ,
ମା' ପରି ବେଦନା ଛୁପେଇ
'ଯା' କହି ପରକଲୁ,
ହେଲେ କି ତୁ
ସେ ବେଦନା ଛୁପେଇ ପାରିଲୁ ?
ଲୁହଧାରେ ଦେଖେଇ ତ ଦେଲୁ !!

ଏଠି ମୋତେ କିଏ ଜାଣେ ?
କେହି ବି ତ ନୁହେଁ!
ପୁଣି କିଛି ଲୋକ ଜଣାଶୁଣା
ଚିହ୍ନା ପରିଚିତ, ତଥାପି
କାହାରି ସ୍ନେହଭରା ଆଲିଙ୍ଗନ
ଆଖିରେ ହଜାରେ ସ୍ୱପ୍ନ
ଜମା ମୋତେ ମିଳେନାହିଁ,
ନାହିଁ ପୁଣି ତୋର ଆଲିଙ୍ଗନ !

ନିତି ଯାଏ ସେହି ବାଟେ
ସବୁଦିନ ଗ୍ରାହକଟେ ପରି
ହେଲେସେ (ବାଟ )କେବେ ପଚାରେନି
ଭଲରେ ଅଛି କି
ମନ୍ଦରେ ମୁଁ ଅଛି,
ପଚାରିଲେ କିଛି ଗୋଟେ
ମୁଁ ମାଗିଦେଇ ପାରେ !

କିଛି ନାହିଁ ନଈନାଳ ପାହାଡ଼ପର୍ବତ,
ସବୁଏଠି ଭଡାଟିଆ
ଗାଁଦାଣ୍ଡ ଧୂଳି ପରା
କହେ-ତୁ ଅଛିଆ !!

ତୋ' ବାଟରେ ଟାଣୁଥିଲି ରଥଡୋରି,
ଗାଉଥିଲି, ନାଚୁଥିଲି..
କେବେ ପୁଣି ଭାବୁକଟେ ହୋଇ
ବସୁଥିଲି ବାଟଚାହିଁ
ହେଲେ, ଏବେ ମଲାଜହ୍ନ
ଅନୁକମ୍ପା କଲାପରି ଟିକେ ଦିଏ ଚାହିଁ ।
ଫେରି ତ ପାଇବି ନାହିଁ
ସେ ବାଗୁଡ଼ି ଖେଳ ସାଥୀମେଳ
ବନ୍ଧ ନଈକୂଳ,
ମାରିପାରିବିନି କଙ୍କି,
ପୋତି ପାରିବିନି ତା'ମୁଣ୍ଡକୁ
ଟଙ୍କା ହେବାର ସ୍ୱପ୍ନଟିଏ ନେଇ ।

କୁଁଢ଼ିକାଁଚି-ରାଜାରାଣୀ
ବହୂଚୋରି- ଲୁଚକାଳି
ସବୁ ଗଲେ ସମୟର ନଈ ସାଥେ ବହି ।
ମୋତେ ଭାରି ବାଧିଲାଣି
ଆଉ ରହି ପାରିବିନି
ହୃଦୟରେ ଦୁଃଖ ନଈ
ବହଇ ଉଜାଣି,
ନେଇଯାଅ ଏଠୁ ମୋତେ
ଜୀବନ ମୋ' ଲାଗିଲାଣି
ଭାରିଭାରି
ସତେ କି ଏ କଳାପାଣି !
କାହାକୁ କହିନି,
ପୁଅ ବୋଲି ଡାକି ଥରେ
ଦିଅ ମୁକ୍ତି ଆଗୋ ମୋ' ଜନନୀ !


+ ବେହେରାଟାଲ, ପଦ୍ମପୁର,
ବରଗଡ଼
ମୋ: ୬୨୬୪୫୩୦୧୮୮


## କବିତା କୋଣାର୍କ

### ନିଦକୁ ଆସିବାକୁ ତ ଦିଅ...

**ଡଃ ମାଙ୍ଗଳିକା ମହାପାତ୍ର**



ଆଖିରୁ ଧିରେ ଧିରେ
ନିଦ ହଜିଗଲାଣି
ଆଖିରୁ ଧିରେ ଧିରେ
ସ୍ୱପ୍ନ ଦୂରେଇ ଗଲାଣି
ଆଜିକାଲି ନିଦ ମାଉସୀ
ନେଲାଣି ମେଲାଣି
ରାଜା ରାଣୀ ଗପ ସବୁ
ଶୁଣିବା ଭୁଲି ଗଲିଣି
ଗପ ବହିର ରଙ୍ଗୀନ ଫଟୋ
ସବୁ ସ୍ମୃତି ପାଲଟି ଗଲାଣି
ଛୁଆ ବେଳର ରାଜକୁମାର
ରାଜକୁମାରୀ, ଅସୁର ଅସୁରୁଣୀ
ଟୁଆଁଟୁଇଁ ଗପ ଆଉ ମନେ ପଡେନି
ଆଈମା କୋଳରେ ଶୋଇ
ବୁଢ଼ୀ ଅସୁରୁଣୀର ଗପ ଶୁଣିବା
କେବେଠୁ ପାଶୋରି ଗଲିଣି
ସଂସାର ଭିତରେ ଏତେ କାମରେ
ସୁଖ ଦୁଃଖର ଚିନ୍ତାରେ
ନାରୀମାନେ ନିଜ ପାଇଁ
କେତେ ଘଣ୍ଟା ପାଆନ୍ତି ସତରେ
ଆଉ ମୋ କଥା ତ କୁହନି
ରାତି ଦୁଇଟା ଆଗରୁ ନିଦ ଆସେନି
ଝରକା ଖୋଲିଲେ ବି
ଥଣ୍ଡା ପବନ ବହେନି
ଏ.ସି.ର ପବନରେ
ମନ ରୋମାଞ୍ଚିତ ହୁଏନି
ବାଲକୋନିରୁ କନିଅର ଗଛକୁ
ଫୁଲ ତୋଳିବାକୁ ହାତ ପାଏନି
ପାଚେରୀ ପାଖ କାଗଜି ଫୁଲରୁ
କିଛି ବି ବାସ୍ନା ଆସେନି

ଏସବୁ ଦେଖିବାର ମୋହ
ବଢାଇ ଦିଏ ହୃଦୟର କୋହ
କେହି ତ ରାଜକୁମାର ଗପ କୁହ
ଏତେ ମହଙ୍ଗା ନିଦକୁ
ଥରେ ଆସିବାକୁ ତ ଦିଅ ..


+ ରେଭେନସା ବିଶ୍ୱବିଦ୍ୟାଳୟ

# ସିଲ୍ ହେଲା ଅନ୍ନାଙ୍କ ବିଲ୍ଡିଂ

ସିଲ୍ ହେଲା ବଲିଉଡର ଅନ୍ନା ତଥା ସୁନୀଲ ସେଟ୍ଟିଙ୍କ ବିଲ୍ଡିଂ । ସୁନୀଲଙ୍କ ବିଲ୍ଡିଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବା କାରଣରୁ ଏପରି ନିଷ୍ପତ୍ତି ନେଇଛି ବିଏମ୍‌ସି । ହେଲେ ସୁନୀଲଙ୍କ ପରିବାରର କେହି ବି ମହାମାରୀ ଦ୍ୱାରା କବଳିତ ହୋଇ ନ ଥିବା ଜଣାଯାଇଛି ।

ମୁମ୍ବାଇର ଅଲଟାମାଉଣ୍ଟ ରୋଡ଼ସ୍ଥିତ ପୃଥ୍ୱୀ ଆପାଟମେଣ୍ଟକୁ ସିଲ୍ କରି ଦିଆଯାଇଛି । ଏହି ବିଲ୍ଡିଂରେ ସୁନୀଲ ସେଟ୍ଟି ନିଜ ପରିବାର ସହ ଦୀର୍ଘ ବର୍ଷ ହେଲା ରହି ଆସୁଛନ୍ତି । ଏହି ବିଲ୍ଡିଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବା କାରଣରୁ ଏପରି ପଦକ୍ଷେପ ନେଇଛି ବିଏମ୍‌ସି ।

ଗୋଟିଏ ବିଲ୍ଡିଂରେ ୫ କରୋନା ମାମଲା ସାମନାକୁ ଆସିଲେ ତାହାକୁ ତୁରନ୍ତ ସିଲ୍ କରୁଛି ବିମ୍‌ସି । କିନ୍ତୁ ଏହି ବିଲ୍ଡିଂରେ ରହୁଥିବା ସୁନୀଲ ସେଟ୍ଟିଙ୍କ ପରିବାରର କେହି ଆକ୍ରାନ୍ତ ହୋଇ ନାହାନ୍ତି । ପରିବାର ସହ ସୁନୀଲ ଏବେ ମୁମ୍ବାଇ ବାହାରେ ଅଛନ୍ତି ।

୧୨୦ ଫ୍ଲାଟ୍ ବିଶିଷ୍ଟ ବିଲ୍ଡିଂକୁ ସିଲ୍ କରାଯାଇଥିବା ଖବର ସମ୍ପର୍କରେ ମୁମ୍ବାଇର ଡି ୱାର୍ଡର ଆସିଷ୍ଟାଣ୍ଟ କମିଶନର ପ୍ରଶାନ୍ତ ଗାୟକୱାଡ ଜଣାଇଛନ୍ତି । କେବଳ ଏହି ଗୋଟିଏ ବିଲ୍ଡିଂ ନୁହେଁ ମୁମ୍ବାଇ ଡି ୱାର୍ଡର ୧୦ ଜାଗାକୁ ସଂକ୍ରମଣ କାରଣରୁ ସିଲ୍ କରି ଦିଆଯାଇ ଯାଇଛି ।

ସୁନୀଲଙ୍କ ପରିବାର ଏବେ ମୁମ୍ବାଇ ବାହାରେ ଅଛନ୍ତି । ବିଏମ୍‌ସି ଏହି ଆପାର୍ଟମେଣ୍ଟର କିଛି ଫ୍ଲୋରକୁ ସିଲ୍ କରିଦେଇଥିବା କହିଛନ୍ତି ସୁନୀଲଙ୍କ ପ୍ରବକ୍ତା ।



କରୋନାର ଦ୍ୱିତୀୟ ଲହର କୋପ ଦୀର୍ଘ ଦିନ ପର୍ଯ୍ୟନ୍ତ ମୁମ୍ବାଇରେ ଲାଗି ରହିବା ପରେ କିଛି ଦିନୁ ପୂର୍ବେ ଏହା କମିଥିଲା । ଏବେ ପୁଣି ଥରେ ସଂକ୍ରମଣ ମାମଲା ସହରରେ ବଢ଼ିବାରେ ଲାଗିଥିବାରୁ ପୁଣି ଥରେ ଆକ୍ସନ ମୁଡ଼କୁ ଆସିଯାଇଛି ବିଏମ୍‌ସି ।

# ବହୁ ଆଲ୍‌ବମ୍‌ର ଲୋକପ୍ରିୟ ଗାୟିକା ସସ୍ମିତା ମହାପାତ୍ର ଏବେ ଚର୍ଚ୍ଚାରେ



## ଭଜନ, ଆଲବମ୍ ଏବଂ ଚଳଚ୍ଚିତ୍ର ପାଇଁ ନୂଆ ନାଆଁ ସସ୍ମିତା

ଆଲବମ୍ ଜଗତ ହେଉ କିମ୍ବା ଭଜନ ଜଗତ ହେଉ ସବୁଆଡ଼େ ଏବେ ଗୋଟିଏ ନାଁ ଚର୍ଚ୍ଚାକୁ ଆସିଛି । ସେହି ନାଁଟି ହେଉଛି ସସ୍ମିତା ମହାପାତ୍ର । ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ଓ ଦୁର୍ବଳତା ରହିଥିଲା । ପରବର୍ତ୍ତୀ ସମୟରେ ସେ ତାଙ୍କ ଜେଜେ ବାପା ପଣ୍ଡିତ ଭୀମସେନ ମହାପାତ୍ରଙ୍କ ପ୍ରେରଣାରେ ଆଗେଇ ଯାଇ ସଂଗୀତ ଜଗତପ୍ରତି ଆଗ୍ରହ ପ୍ରକାଶ କରିଥିଲା ବେଳେ ସେ କ୍ଷେତ୍ରରେ ତାଙ୍କ ପରିବାର ପକ୍ଷରୁ ମଧ ସହଯୋଗ ମିଳିଥିଲା । ଏହାପରେ ସେ ତାଙ୍କର ସଂଗୀତ ଗୁରୁ ସରୋଜ ସାର୍, ସାରଦା ସାର୍, ଦୋଳଗୋବିନ୍ଦ ସାର୍ ପ୍ରମୁଖଙ୍କଠାରୁ ପର୍ଯ୍ୟାୟ କ୍ରମେ ସଂଗୀତ ଶିକ୍ଷା ଗ୍ରହଣ କରିଚାଲିଥିଲେ । ପରବର୍ତ୍ତୀ ସମୟରେ ସସ୍ମିତା ଓଲିଉଡ୍‌ର କିମ୍ବଦନ୍ତୀ ସଂଗୀତ ନିର୍ଦ୍ଦେଶକ କାଳିପ୍ରସାଦ ପଣ୍ଡା ଏମ୍.ଡି ମୁଶିର, ଲଳିତ କୁମାର, ଅରୁଣ ମନ୍ତ୍ରୀ, ଶରତ ନାୟକ, ମହେନ୍ଦ୍ର ଓଝା, ଧର୍ମାନନ୍ଦ ମହନ୍ତ, ଅଭୟ ମଲ୍ଲିଆ, ଦୀନେଶ ମଲ୍ଲିକ, ଚିତ୍ତ ମହାନ୍ତି, ସଂଜୟ ଦାସ ଓ ବିନୋଦ ବିହାରୀ ପ୍ରମୁଖଙ୍କ ସହଯୋଗରେ ଅନେକ ଆଲବମ୍‌ରେ କଣ୍ଠଦାନ କରିବାର ସୁଯୋଗ ପାଇଥିଲେ । ଏହାଛଡ଼ା ଓଲିଉଡ୍‌ର ପ୍ରସିଦ୍ଧ ଗାୟକ ବିଷ୍ଣୁମୋହନ କବି, ଶଶାଙ୍କ, ସତ୍ୟଜିତ୍, ତାରିକ୍ ଅଜିଜ୍ ପ୍ରମୁଖଙ୍କ ସହିତ ଡୁଏଟ୍ ଗାଇବାର ସୁଯୋଗ ପାଇଥିଲେ । ସେ କଣ୍ଠଦାନ କରିଥିବା ସଂଗୀତ ଗୁଡ଼ିକ ବିଭିନ୍ନ ଚ୍ୟାନେଲ ମାନଙ୍କରେ ପ୍ରସାରିତ ହେଉଥିବା ବେଳେ ସେହିସବୁ ଚ୍ୟାନେଲ ଗୁଡ଼ିକ ମଧ୍ୟରୁ ନ୍ୟୁଜ୍ ସେଭେନ୍, ତରଙ୍ଗ, ମଞ୍ଜରୀ ଆଦିରେ ପ୍ରସାରଣ ହେବା ପରେ ସସ୍ମିତାଙ୍କ ଲୋକପ୍ରିୟତା ବୃଦ୍ଧି ପାଇଚାଲିଛି । ସସ୍ମିତା ଯେଉଁସବୁ ଆଲବମ୍ ଗୁଡ଼ିକରେ କଣ୍ଠଦାନ କରିଛନ୍ତି ସେହିସବୁ ଆଲବମ୍ ଗୁଡ଼ିକ ମଧ୍ୟରୁ 'ରାତିସାରା ନିଦ ନାହିଁ', 'ମୁଁ ଟ୍ୟୁନ୍‌ସିଟି କୁଇନ୍', 'ଭାଲେନ୍‌ଟାଇନ୍ ମୋର ତୁ', 'ମମି କସମ୍', 'ଛମ୍ ଛମ', 'ମନ ଚଢ଼େଇ', 'ଦିୱାନା ତୁ', 'ଲାଗୁଛି ମଲେଇ ମିଠା', 'ତୁ କେଡ଼େ ସ୍ୱାର୍ଥପର', 'ପ୍ରଥମ ପ୍ରେମର ହୋଲି', 'ମନ ତତେ ଖୋଜେରେ', 'ଚୁଲ୍ ବୁଲି ନାୟିକା, 'ଭାଇ ଲୋ ଭାଇ ଲୋ, ରାକ୍ଷୀ ନୁହେଁ ଇଏ ତ', 'ମା ମୋ ମା' ଇତ୍ୟାଦି ରହିଥିବା ବେଳେ ଯେଉଁସବୁ ଭଜନରେ କଣ୍ଠଦାନ କରିଛନ୍ତି ସେଗୁଡ଼ିକ ହେଲା 'ଦାରୁ ମୂରତି, କାଳିଆ ଧନରେ, ନମାମି ଶଙ୍କର, ଆଜିର ଜୀବନ କାଲିକି ନାହିଁ, ଭାବରେ ଭାବରେ, ଦେଖିଛକି ବନ୍ଧୁ, କାଳିଆର ନୂଆ ବେଶ, ସ୍ୱାଗତମ୍ ସ୍ୱାଗତମ୍, ନମୋ ନମଃ, ଆହେ ବ୍ରହ୍ମ ପୁରୁଷ, ଜଗନ୍ନାଥ ତୁମ ବିନା ଆଦି ଅନ୍ୟତମ । ରିଲିଜ୍ ହେବାକୁ ଥିବା ଅନ୍ୟତମ ଚଳଚ୍ଚିତ୍ର ଆଇଆଇସି ଧିରେନ୍‌ରେ କଣ୍ଠଦାନ କରିବାର ସୁଯୋଗ ମଧ ପ୍ରଥମଥର ପାଇଁ ସସ୍ମିତାଙ୍କୁ ମିଳିଛି ।





# ଆଗରେ ଆଲିଆ

ଆଲିଆଙ୍କ ଫାଷ୍ଟଲୁକ୍ । ପାରମ୍ପରିକ ପୋଷାକରେ ଆଲିଆ ଆକର୍ଷଣୀୟ ଲାଗୁଛନ୍ତି । ଦକ୍ଷିଣୀ ସିନେମା ଇଣ୍ଡଷ୍ଟ୍ରିର ପରିଚିତ ନିର୍ଦ୍ଦେଶକ ଏସ୍.ଏସ୍. ରାଜାମୌଲିଙ୍କ ନୂଆ ବଲିଉଡ୍ ମୁଭି 'ଆରଆରଆର' ଏବେ ଚର୍ଚ୍ଚାକୁ ଆସିଛି । ଡିଭିଭି ଦାନାୟାଙ୍କ ପ୍ରଯୋଜିତ ଏଇ ମୁଭିରେ ରାମଚରଣ, ଅଜୟ ଦେବଗନ, ଆଲିଭିଆ ମରିସ୍‌ଙ୍କ ସହ ପ୍ରମୁଖ ଭୂମିକାରେ ଆଲିଆ ଭଟ୍ଟ ବି ଅଛନ୍ତି । ଏଥିରେ ସାମୁଥିରାକାନି, ରାୟ ଷ୍ଟିଭେନ୍‌ସନ୍ ଏବଂ ଆଲିସାନ୍ ଡୁଡି ମଧ ସହ କଳାକାର ଭାବେ ଦେଖିବାକୁ ମିଳିବେ ।

ଆଲୁରି ସୀତାରାମ ରାଜୁ ଏବଂ କୋମାରାମ ଭୀମ୍ ଓରଫ ରାମା ରାଓ; ଦୁଇ ଭାରତୀୟ ଆନ୍ଦୋଳନକାରୀଙ୍କ କାହାଣୀ ଉପରେ ଏହା ପର୍ଯ୍ୟବସିତ । ଏମାନେ ବ୍ରିଟିସରାଜ ଏବଂ ହାଇଦ୍ରାବାଦର ମୋଗଲ ଶାସକ ନିଜାମ୍‌ଙ୍କ ଅନ୍ୟାୟ ଶାସନ ବିରୋଧରେ ଆନ୍ଦୋଳନ କରିଥିଲେ । ଷ୍ଟୁଡେଣ୍ଟସ୍ ଅଫ୍ ଦ ଇୟର୍, ହାଇୱେ, ହମ୍ପଟି ଶର୍ମା କୀ ଦୁହ୍ଲନିଆଁ, କପୁର ଆଣ୍ଡ ସନ୍ସ, ଉଡତା ପଞ୍ଜାବ, ବଦ୍ରିନାଥ କୀ ଦୁହ୍ଲନିଆଁ, ଗଲିବୟ, କଲଙ୍କ, ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨, ସଡକ-୨ ଆଦି ଚଳଚ୍ଚିତ୍ରରେ ଅଭିନୟ କରି ଆଲିଆ ଅନ୍ୟମାନଙ୍କ ମଧ୍ୟରେ ଆଗଧାଡ଼ିକୁ ଆସିଯାଇଛନ୍ତି । ଆଗକୁ ଆସୁଛି ଆଲିଆଙ୍କ ଅଭିନୀତ ଗଙ୍ଗୁବାଈ କାଠିଆୱାଡ଼ି, 'ଆରଆରଆର', ବ୍ରହ୍ମାସ୍ତ୍ର, ଡାର୍ଲିଙ୍ଗସ୍ ପରି ଚଳଚ୍ଚିତ୍ର ।

# ଆଖି ଯେବେ ଅନ୍ଧ ହୁଏ



ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମହନ୍ତ (ରାଜା) ନୂଆ ଚଳଚ୍ଚିତ୍ର 'ଚକ୍ଷୁବନ୍ଧନ'ର ସଫଳତାକୁ ନେଇ ଖୁବ୍ ଆଶାବାଦୀ । ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି, ଦିଲୀପ ଚୌଧୁରୀ । ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଭୂମିକା ଦାଶ ଏବଂ ବଙ୍ଗ ଅଭିନେତ୍ରୀ ଈଶାନୀ ସେନଗୁପ୍ତ । ନାୟକ ଭୂମିକାରେ ଅଛନ୍ତି ରାଜ ରାଜେଶ ଓ ଋଷି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର ଓ ବନି ଗୌରବ । ଗୀତିକାର ନିର୍ମଳ ନାୟକ ଗୀତ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ବିଶ୍ୱଜିତ ଓ ସୋହିନୀ । ଆବାହ ସଙ୍ଗୀତ ଦେଇଛନ୍ତି ନବ ଓ ସରୋଜ ଏବଂ ସଙ୍ଗୀତ ପରିଚାଳନା କରିଛନ୍ତି ଶକ୍ତିସ୍ୱରୂପ ଦ୍ୱିବେଦୀ । ମାନସ କୁମାର ସାହୁ ସମ୍ପାଦନା କରିଛନ୍ତି ।

ଏଇ ଚଳଚ୍ଚିତ୍ରର ପ୍ରଚାରପ୍ରସାର ଦାୟିତ୍ୱରେ ଅଛନ୍ତି ଓଲିଉଡ୍‌ର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ । ଅନୁଭୂତି ଓ ସତ ଭିତରେ ଥିବା ସେଇ ବିଭାଜନ ରେଖାଟିକୁ ସ୍ୱୀକାର କରିବା ସହଜ ନୁହେଁ । ସବୁ ଅନୁଭବ ବି ସତ ନୁହେଁ । ସବୁ ସତକୁ ବି ଅନୁଭବ କରିହୁଏନା । 'ଚକ୍ଷୁ ବନ୍ଧନ' କେବେ ସତ କେବେ ଭ୍ରମ ଅବା ପ୍ରହେଳିକା । ଏହି ଚଳଚ୍ଚିତ୍ରକୁ ସେନ୍ ?ସର ବୋର୍ଡ ସବୁଜ ସଙ୍କେତ ଦେଇଛି । ଅନୀଶ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍ ପ୍ରସ୍ତୁତ ଏଇ ସିନେମାଟି ଏବେ ମୁକ୍ତିଲାଭ ଅପେକ୍ଷାରେ ରହିଛି । ପ୍ରେମ, ପ୍ରଣୟ, ରହସ୍ୟ ଓ ରୋମାଞ୍ଚଭରା ଏହି ଫିଲ୍ମର ପ୍ରାୟ ଦୃଶ୍ୟ ଦାର୍ଜିଲିଂରେ ସୁଟିଂ ହେଇଛି । ଓଡ଼ିଆ ଓ ବଙ୍ଗଳା; ଏଇ ଦ୍ୱିଭାଷୀ ଚଳଚ୍ଚିତ୍ରଟି ଗତାନୁଗତିକ ଧାରାରୁ ଭିନ୍ନ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଏହାର ପ୍ରଯୋଜକ ତପନ ଦାଶ ।

# ପ୍ରଥମ ଥର ପାଇଁ ଏକାଠି ଜଲୱା ଦେଖାଇବେ ହ୍ରିତିକ-ଦୀପିକା

ପ୍ରଥମ ଥର ପାଇଁ ଏକ ସଙ୍ଗେ ସ୍କ୍ରିନ୍ ଶେଆର କରିବେ ବଲିଉଡର ୨ ଆଗ ଧାଡ଼ିର ଅଭିନେତା ତଥା ହାର୍ଟ ଥ୍ରୋବ ହ୍ରିତିକ ରୋଶନ ଓ ଦୀପିକା ପାଦୁକୋନ । 'ଫାଇଟର' ଫିଲ୍ମରେ ବଡ଼ ପରଦାରେ ଦର୍ଶକ ଦେଖିବାକୁ ପାଇବେ ଏହି ଯୋଡ଼ିଙ୍କ ଜଲୱା । ଏଥିପାଇଁ ଫିଲ୍ମର ଷ୍ଟାର କାଷ୍ଟ ଫାଇନାଲ ହୋଇସାରିଥିବା ବେଳେ ଏହାର ସୁଟିଂ ଜଲଦି ଆରମ୍ଭ ହେବ ବୋଲି ଜଣାଯାଇଛି ।

ସୋଶାଲ ମିଡିଆରେ ହ୍ରିତିକ ଏକ ଫଟୋ ପୋଷ୍ଟ କରିଥିବା ବେଳେ ସେଥିରେ ତାଙ୍କ ସହ ଦୀପିକା ଓ ଅନ୍ୟ ଟିମ୍ ମେମ୍ବର୍ସ ନଜର ଆସିଛନ୍ତି । ଏହି ଫଟୋରେ ହ୍ରିତିକ ବ୍ଲାକ୍ ଟିସର୍ଟ ଓ କ୍ୟାପ୍ ପିନ୍ଧିଥିବା ବେଳେ ଲାଲ ରଙ୍ଗର ଆଉଟଫିଟ୍‌ରେ ଦୀପିକା ବି ଖୁବ୍ ଗର୍ଜିଅସ ଲାଗୁଛନ୍ତି । ଏହି ଫଟୋ କ୍ୟାପସନ୍‌ରେ 'ଏହି ଗ୍ୟାଙ୍ଗ ଟେକଅପ୍ ପାଇଁ ରେଡି' ବୋଲି ଲେଖିବା ସହ ହାସ୍‌ଟ୍ୟାଗ୍ 'ଫାଇଟର' ବୋଲି



ଲେଖିଛନ୍ତି ହ୍ରିତିକ । ହ୍ରିତିକଙ୍କ ଏହି ଫଟୋକୁ ଫ୍ୟାନ୍ସ ଖୁବ୍ ପସନ୍ଦ କରିଥିବା ବେଳେ ଏ ଯାଏ ୯ ଲକ୍ଷରୁ ଅଧିକ ଲାଇକ୍ ମିଳି ସାରିଲାଣି ।

ହ୍ରିତିକଙ୍କ ବାର୍ଥଡେ ଅବସରରେ 'ଫାଇଟର' ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା । ଏହି ଫିଲ୍ମକୁ ସିଦ୍ଧାର୍ଥ ଆନନ୍ଦ ଡାଇରେକ୍ଟ କରିବେ । ହ୍ରିତିକ ଓ ସିଦ୍ଧାର୍ଥଙ୍କ ଯୋଡ଼ି ପୂର୍ବରୁ 'ବାଙ୍ଗ ବାଙ୍ଗ' ଓ 'ୱାର' ଭଳି ସୁପରହିଟ ଫିଲ୍ମ ଦେଇ ସାରିଛନ୍ତି । ଏବେ ଉଭୟଙ୍କ ଯୋଡ଼ି ପୁଣି ଥରେ 'ଫାଇଟର'ରେ କମାଲ ଦେଖାଇବ ବୋଲି ଦର୍ଶକ ଆଶା ବାନ୍ଧିଛନ୍ତି । 'ଫାଇଟର' ଏକ ଆକ୍ସନଭିତ୍ତିକ ଫିଲ୍ମ ହେବ ବୋଲି ଏହାର ଟାଇଟଲରୁ ଜଣାପଡୁଥିବା ବେଳେ ଏଥିରେ ହ୍ରିତିକଙ୍କ ଦମଦାର ଷ୍ଟଣ୍ଟ ସିନ୍ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ । ତେବେ ଏହା ୨୦୨୨ ମସିହାରେ ରିଲିଜ ହେବ ।

'କହୋ ନା ପ୍ୟାର ହେ' ଫିଲ୍ମରୁ ବଲିଉଡରେ ପାଦ ରଖିଥିବା ହ୍ରିତିକଙ୍କୁ ଯୁବବର୍ଗ ଖୁବ୍ ପସନ୍ଦ କରୁଥିବା ବେଳେ ଶେଷ ଥର ପାଇଁ ସେ ଫିଲ୍ମ 'ୱାର'ରେ ନଜର ଆସିଥିଲେ । ଅପରପକ୍ଷେ, ଦୀପିକା ବି ବିବାହ ପରେ ଏବେ ସ୍ୱାମୀ ରଣବୀର ସିଂଙ୍କ ସହ କପିଲ ଦେଙ୍କ ବାୟୋପିକ୍ '୮୩' ଓ ବଲିଉଡର ବାଦଶାହ ଶାହାରୁଖ ଖାଁଙ୍କ ସହ ଫିଲ୍ମ 'ପଠାନ୍' ରେ ନଜର ଆସିବେ ।

# ବଡ଼ ପରଦାରେ ଏବେ କୁନିଝିଅ ଦିବ୍ୟାଂଶା



ବଡ଼ ପରଦାରେ ଏବେ କୁନିଝିଅ ଦିବ୍ୟାଂଶା । ନୂଆ ଚଳଚ୍ଚିତ୍ର 'ମନ ମୋର କାଗଜ ଗୁଡ଼ି'ରେ ଦିବ୍ୟାଂଶାଙ୍କ ଅଭିନୟ ଦେଖିବାକୁ ମିଳିବ ।

ଦିବ୍ୟାଂଶାଙ୍କର ସଙ୍ଗୀତ, ନୃତ୍ୟ, ଉପସ୍ଥାପନା ଓ ଅଭିନୟରେ ସବୁଥିରେ ଦକ୍ଷତା ରହିଛି । ଦିବ୍ୟାଂଶା ନିୟମିତ ଭାବେ ଯୋଗ ମଧ କରନ୍ତି । ଶ୍ରେଣୀରେ ପ୍ରଥମ ହେବା ସହିତ ଅନ୍ୟ କରିକୁଲାର ଆକ୍ଟିଭିଟିଜ୍‌ରେ ମଧ ନିପୁଣତା ରହିଛି ତାଙ୍କର । କେବଳ ଅଭିନେତ୍ରୀ କି ନୃତ୍ୟଶିଳ୍ପୀ ନୁହନ୍ତି, ଦିବ୍ୟାଂଶା ଜଣେ କଣ୍ଠଶିଳ୍ପୀ ମଧ । ୨୦୨୦ରେ ସେ 'ରଜ କୁଇନ୍' ଫାଇନାଲିଷ୍ଟ ରାଉଣ୍ଡରେ ପହଞ୍ଚିଥିଲେ । ରାଜ୍ୟ ଓ ରାଜ୍ୟ ବାହାରେ ଅନ୍ୟୁନ ପଚିଶଟି ନୃତ୍ୟଭିତ୍ତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି । ପୂର୍ବରୁ ପାଞ୍ଚଟି ମଡେଲିଂ ପ୍ରତିଯୋଗିତାରେ ଭାଗନେଇ ସଫଳ ହେଇଛନ୍ତି । ଏଇ ଚଳଚ୍ଚିତ୍ରରେ ରାକେଶ, ଭୂମିକା, ପ୍ରୀତିରାଜ ଶତପଥୀ, ମମତା ଦାଶ, ଦେବୀ ବାରିକ, ଜିତୁ, ସୀମା, ଲିପୁନ, ସଞ୍ଜୟ, ଭକ୍ତି, ଜ୍ଞାନ, ପ୍ରୀତି, ନଗେଶ, ଗୁଡ୍ଡି, କୁମାର, ବିକାଶ ଏବଂ ଶିଶୁ କଳାକାର ଭାବେ ଦେଖିବାକୁ ମିଳିବେ ସୁହାନା ଓ ଦିବ୍ୟାଂଶା । ଶିବିର ପରିଡ଼ା ଓ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ପ୍ରଯୋଜନାରେ ନିର୍ମିତ ଏଇ ଚଳଚ୍ଚିତ୍ରର ସହ ପ୍ରଯୋଜନା କରିଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ । ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ ଭାଇ ।

# ମା' ହେଲେ ଦିୟା

ବଲିଉଡ ଅଭିନେତ୍ରୀ ଦିୟା ମିର୍ଜା ମା' ହୋଇଛନ୍ତି । ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ଏହି ଖବର ସେ ସୋସିଆଲ୍ ମିଡିଆରେ ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଛନ୍ତି । ସେ ସମସ୍ତ ଶୁଭେଚ୍ଛୁ ଏବଂ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦିୟା ଏବଂ ବୈଭବ ସେମାନଙ୍କର ନବଜାତ ଶିଶୁର ନାମ ଦେଇଛନ୍ତି ଅଭିୟାନ । ଫେବୃଆରି ୧୫ରେ ମୁମ୍ବାଇରେ ଏକ ସମାରୋହରେ ଦିୟା ଏବଂ ବୈଭବ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।



# ଓଡ଼ିଆ ଚଳଚ୍ଚିତ୍ର ଉପେକ୍ଷିତ

ସିନେମା ହଲ୍‌ର ସଂଖ୍ୟା କ୍ରମଶଃ କମି କମି ୩୫ଟିରେ ପହଞ୍ଚିଛି । ଅନ୍ୟପଟେ ମଲ୍‌ଟିପ୍ଲେକ୍ସ ଖୋଲିବା ପରେ ସିଙ୍ଗଲ୍ ଥିଏଟର୍ ଅଧିକ କ୍ଷତିଗ୍ରସ୍ତ ହୋଇଥିବାର ଜଳଜଳ ହୋଇ ଦେଖାଯାଉଛି । ସରକାର ବିଦ୍ୟୁତ କିମ୍ବା ଟ୍ୟାକ୍ସରେ ସବ୍‌ସିଡ୍ ପ୍ରଦାନ କରି ନଥିବାରୁ ଥିଏଟର ମାଲିକ ଏବେ ଦେବାଳିଆ ସ୍ଥିତି ଦେଇ ଗତି କରୁଛନ୍ତି । ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ଟିଭି ଚ୍ୟାନେଲ୍‌ଗୁଡିକ ନିଜେ ଫିଲ୍ମ ନିର୍ମାଣ କରି ନିଜ ଚ୍ୟାନେଲ୍‌ରେ ପ୍ରଦର୍ଶିତ କରିବା ଫଳରେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଛି । ରାଜନୀତିରେ ଅନେକ କଳାକାର ଯୋଗ ଦେବାପରେ ଚଳଚ୍ଚିତ୍ର ପ୍ରେମୀ, କଳାକାର ଓ ପ୍ରଯୋଜକମାନେ ଅନେକ କିଛି ଆଶା କରିଥିଲେ । ହେଲେ ସେହି ଆଶା କିନ୍ତୁ ଆଶାରେ ରହିଯାଇଛି । ଚଳଚ୍ଚିତ୍ର ନିର୍ମାଣ କଲେ ପ୍ରଯୋଜକଙ୍କୁ ୩.୫ଲକ୍ଷ ଟଙ୍କାର ସବ୍ ?ସିଡି ମିଳିବାର ନିୟମ ରହିଛି । ହେଲେ ଭାଗ୍ୟର ବିଡ଼ମ୍ବନା ହେଉ କି କାହାରି ଚକ୍ରାନ୍ତ, ବିଗତ ୧୫ବର୍ଷ ହେଲା ପ୍ରଯୋଜକଙ୍କୁ ଟଙ୍କାଟିଏ ମଧ ମିଳିନି । ଆକଳନ ଅନୁଯାୟୀ, ବିଗତ ୧୫ ବର୍ଷରେ ୪୦୦ରୁ ଅଧିକ ଫିଲ୍ମ ନିର୍ମାଣ ହେଇଛି । ତେବେ ଏହାରି ଭିତରେ ପ୍ରଯୋଜକଙ୍କୁ ସବ୍‌ସିଡ୍ ମିଳି ନ ଥିଲା ବେଳେ ସେହି ଟଙ୍କାର ଠିକଣା ଏବେ ବି ରହସ୍ୟଘେରରେ ରହିଛି । ଅନ୍ୟ ରାଜ୍ୟଗୁଡ଼ିକରେ ଚଳଚ୍ଚିତ୍ର ଶିଳ୍ପକୁ ସରକାର ଟିକସ୍‌ରେ ରିହାତି ଦେଉଥିବା ବେଳେ ଓଡ଼ିଶାରେ ଏପରି କୌଣସି ବ୍ୟବସ୍ଥା ହୋଇନାହିଁ । ଚଳଚ୍ଚିତ୍ର ଜଗତ ନାନା ସମସ୍ୟା ଦେଇ




ଗତି କରୁଥିଲା ବେଳେ ରାଜ୍ୟ ସରକାର କେବଳ କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇ ବସିପଡ଼ିଛନ୍ତି । ଏପରି ସ୍ଥିତିରେ ଚଳଚ୍ଚିତ୍ର ଶିଳ୍ପର କିପରି ଉନ୍ନତି ହେବ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ଅନେକ ଅଜଣା କଥା ଓ ବ୍ୟଥା ଆଗାମୀ ଦିନରେ ଅବଶ୍ୟ ସିନେପ୍ରେମୀଙ୍କ ନଜରକୁ ଆସିବ ।

# ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦ ପଞ୍ଜିକୃତ ସମସ୍ତ ଶ୍ରମିକଙ୍କୁ ୨୦୨୦ ଏବଂ ୨୧ ମସିହାର ଆର୍ଥିକ ସହାୟତା ଦେବା ପାଇଁ ଶ୍ରମମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୧୫/୭ (ନି.ପ୍ର): ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦରେ ପଞ୍ଜିକୃତ ସମସ୍ତ ୨୯ ଲକ୍ଷ ଶ୍ରମିକଙ୍କୁ ୨୦୨୦ ଓ ୨୧ରେ କୋଭିଡ୍-୧୯ ସଂକ୍ରମିତ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀ ସୁଶାନ୍ତି ସିଂହ କହିଛନ୍ତି। ଆ।ଇ.ଏନ୍.ଟି.ୟୁ.ସି., ଏ.ଆ।ଇ.ଟି.ୟୁ.ସି., ଏଚ୍.ଏମ୍.ଏସ୍., ସି.ଆଇ.ଟି.ୟୁ., ଏ.ଆ।ଇ.ୟୁ.ଟି.ୟୁ.ସି, ଏ.ଆଇ.ସି.ସି.ଟି.ୟୁ.,ଟି.ୟୁ.ସି.ସି ଏବଂ ସେଓ୍ୱା ଏକ ପ୍ରତିନିଧିଦଳ ଆଜି ପୂର୍ବାହ୍ନରେ ରାଜ୍ୟ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଏକ ସ୍ମାରକ ପତ୍ର ଦେଇ ରାଜ୍ୟର ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପଞ୍ଜିକରଣ, ନବିକରଣ ଏବଂ ଜିଲ୍ଲାସ୍ତରରେ ହେଉଥିବା ଅହେତୁକ ବିଳମ୍ବ ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିବା ଅବସରରେ ସେ ଏହି ପ୍ରତିଶ୍ରୁତି ପ୍ରଦାନ କରିଥିବା ସଂପୃକ୍ତ ଶ୍ରମିକ ସଂଗଠନ ମାନେ ପ୍ରକାଶ କରିଛନ୍ତି। ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ କୁହାଯାଇଛି ଯେ ସମସ୍ତ ନିର୍ମାଣ ଶ୍ରମିକ ୨୦୨୦ ଓ ୨୧ ମସିହାର ଆର୍ଥିକ ସହାୟତା ଦେବା ସହିତ ଜିଲ୍ଲା ସ୍ତରରେ ପଞ୍ଜିକରଣ, ନବୀକରଣ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ପାଇଁ ପଡ଼ିରହିଥିବା ଦରଖାସ୍ତ ଗୁଡ଼ିକ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବୀ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଶ୍ରମ ମନ୍ତ୍ରୀଙ୍କୁ ଏକ ସ୍ମାରକର ପତ୍ର ଦିଆଯାଇଛି।

କର୍ମଚାରୀ ରାଜ୍ୟ ବୀମା ନିଗମର ବିଭିନ୍ନ ସମସ୍ୟା କୋଭିଡ୍-୧୯ ସଂକ୍ରମିତ ସମୟରେ ସାରା ଓଡ଼ିଶାରେ ରାଜ୍ୟ ଇ.ଏସ୍.ଆଇ ଦ୍ୱାରା ପରିଚାଳିତ ଡାକ୍ତରଖାନାରେ ଜରୁରୀ ଔଷଧର ଅଭାବ ଓ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯୋଗୁଁ ହିତାଧିକାରୀମାନେ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଥିବା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଗଲା ଓ ମନ୍ତ୍ରୀ ଖୁବ୍ ଶୀଘ୍ର ଇ.ଏସ୍.ଆଇ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ରାଜ୍ୟରେ ଓ ବିଭିନ୍ନ ଜିଲ୍ଲାରେ ଖାଲି ପଡ଼ିଥିବା ପଦବୀକୁ ପୁରଣ କରିବା ଓ ଶ୍ରମ ବିଭାଗର ବିଭିନ୍ନ କମିଟିର ତୁରନ୍ତ ବୈଠକ ଡାକିବା, ତାଳଚେର ଥର୍ମାଲର ନୂଆ କାରଖାନା ଆରମ୍ଭ କରିବା, ଶ୍ରମିକ ଛଟେଇ ସଂପୂର୍ଣ୍ଣ ବନ୍ଦ କରିବା, ନୀଳାଚଳ ଶ୍ରମିକ କର୍ମଚାରୀମାନଙ୍କୁ ୧୧ ମାସର ଦରମା ଦେବା, କାରଖାନାକୁ ଖୋଲି ଶ୍ରମିକମାନଙ୍କୁ ନିଯୁକ୍ତି ଦେବା, ବିର୍ଷା ଲାଇମ୍ ଷ୍ଟୋନର ଶ୍ରମିକମାନଙ୍କର ୩ ବର୍ଷର ଦରମା ପୈଠ କରିବା ଏବଂ ବଡ଼ବିଲ ଅଂଚଳରେ ଓ.ଏମ୍.ଡ଼ି.ସି ଅଧିନରେ ଥିବା ୬ଟି ଖଣି ଚାଲୁ ନ ହେବା ଫଳରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲା ଅଂଚଳର ହଜାର ହଜାର ଆଦିବାସୀ ଶ୍ରମିକ ଜୀବନ ଜୀବିକା ହରାଇଥିବା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାରେ ପ୍ରବାସୀ ଶ୍ରମିକ, ଅସଂଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକଙ୍କର ପଞ୍ଜିକରଣ, ନବିକରଣ ଜୁଲାଇ ୩୧ ତାରିଖ ମଧ୍ୟରେ କରିବା ପାଇଁ ଦାବୀ କରାଯାଇଛି। ଉକ୍ତ ଆଲୋଚନାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ଏ.ଆଇ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ଏଚ୍.ଏମ୍.ଏସ୍.ର ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁର ଦୁଷ୍ମନ୍ତ ଦାସ, ଏ.ଆଇ.ଟି.ୟୁ.ସିର ପୂର୍ଣ୍ଣଚନ୍ଦ୍ର ବେହେରା, ଏ.ଆ।ଇ.ସି.ସି.ଟି.ୟୁ.ର ରାଧାକାନ୍ତ ସେଠୀ, ଟି.ୟୁ.ସି.ସିର ଜ୍ୟୋତି ରଞ୍ଜନ ମହାପାତ୍ର ଓ ସେଓ୍ୱାର ପରିଲତା ମହାପାତ୍ର, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ କିଶୋର ଜେନା ଓ ଉପସଭାପତି ମଦନ ମୋହନ ଧଳ ଏବଂ ଏଚ୍.ଏମ୍.ଏସ୍ ଶ୍ରୀ ମନୋରଞ୍ଜନ ମହାରଣା, ମହେନ୍ଦ୍ର ପରିଡ଼ା ଓ ରାଜକିଶୋର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗଙ୍ଗୁଭାଇନା ଥିଲେ ଅଜାତଶତ୍ରୁ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୧୫/୭ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଆଇନ୍‌ଜ୍ଞ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୦୭ତମ ଜୟନ୍ତୀ ଉତ୍ସବ ଆଜି ପୂଜ୍ୟ ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ମୂଲ୍ୟବୋଧଭିତିକ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସ୍ୱର୍ଗତ ଗଙ୍ଗାଧର ମହାପାତ୍ର। ସେ ପ୍ରକୃତରେ ଥିଲେ ଜଣେ ଅଜାତଶତ୍ରୁ। ଜୀବନକାଳ ମଧ୍ୟରେ ସେ ଜଣେ କାହାକୁ ମାନସିକ ଆଘାତ କରିବାର ପ୍ରମାଣ ନାହିଁ। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ କହିଲେ ଯେ, ଗଙ୍ଗାଧର ବାବୁ ଥିଲେ ବହୁମୁଖୀ ପ୍ରଜ୍ଞାର ଅଧିକାରୀ ଓ ଜଣେ ଅହଙ୍କାରଶୂନ୍ୟ ମଣିଷ। ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ଗଙ୍ଗାଧରବାବୁଙ୍କୁ ଜଗନ୍ନାଥଙ୍କର ଜଣେ ଅନନ୍ୟ ଭକ୍ତ ଭାବେ ବର୍ଣ୍ଣନା କରିବା ସହ, ସେ ଆଇନ୍ ମନ୍ତ୍ରୀ ଥିବା ସମୟରେ ଶ୍ରୀମନ୍ଦିରରେ ହୁଣ୍ଡି ବ୍ୟବସ୍ଥା କରିଥିଲେ ବୋଲି ସୂଚାଇ ଦେଇଥିଲେ। ପ୍ରଫେସର ବୁଦ୍ଧଦେବ ମିଶ୍ର ଓ ବରିଷ୍ଠ ବିଜେପି ନେତା ବିଶ୍ୱନାଥ ରଥ ଏବଂ ଆଇନ୍‌ଜୀବୀ ଶୀଳଭଦ୍ର ଶାସ୍ତ୍ରୀ ଶ୍ରଦ୍ଧାସୁମନ ଜଣାଇ କହିଲେ ଯେ, ଗଙ୍ଗାଧରବାବୁ ଶିକ୍ଷାମନ୍ତ୍ରୀ ଥିବା ସମୟରେ ତଥା ଓୟୁଏଟିରେ ପ୍ରୋ-ଚାନ୍‌ସେଲର ଥିବାବେଳେ ତାଙ୍କ କାର୍ଯ୍ୟଦକ୍ଷତାର ପଟାନ୍ତର ନାହିଁ। ଜଣେ ଦକ୍ଷ ଆଇନଜ୍ଞ ଭାବେ ସେ ଜନସାଧାରଣଙ୍କ ନିକଟରେ ଯେତିକି ପ୍ରିୟ ଥିଲେ, ଜଣେ ରାଜନେତା ଭାବରେ ଆହୁରି ଲୋକପ୍ରିୟ ହୋଇଗଲେ। କାର୍ଯ୍ୟକ୍ରମର ସଂଚାଳକ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧମନ୍ଦିର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ଡଃ ମନୋଜ ରଥ, ପୁରୀର ଆଇନଜୀବୀ ପୁଷ୍କର ମହାପାତ୍ର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କ୍ଷେତ୍ରରେ ଗଙ୍ଗାଧରବାବୁଙ୍କର ଦୃଢ଼ତା, ଆଜିର ରାଜନୀତିରେ ଦେଖିବାକୁ ମିଳୁନାହିଁ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦପାଠ କରିବା ସହ ଫାଉଣ୍ଡେସନର ଟ୍ରଷ୍ଟି ଉମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ଟ୍ରଷ୍ଟି ସୀତାବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଗପହଣ୍ଡି ଏବଂ କୁକୁଡାଖଣ୍ଡି ବ୍ଲକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୫/୭ (ନି.ପ୍ର): ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦିଗପହଣ୍ଡି ଏବଂ କୁକୁଡାଖଣ୍ଡି ବ୍ଲକରେ ୨୦ଟି ପଂଚାୟତ ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟାର ଆଶୁ ସମାଧାନ ଏବଂ ତ୍ୱରିତ ପଦକ୍ଷେପ ନିମନ୍ତେ ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକର ତୁରନ୍ତ କାର୍ଯ୍ୟ ସମାପ୍ତ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବାଚସ୍ପତି ଡଃ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ପାନୀୟ ଜଳ ଜନସାଧାରଙ୍କ ମୌଳିକ ଆବଶ୍ୟକତା ଥିବା ଦୃଷ୍ଟିରୁ ଉକ୍ତ ପ୍ରକଳ୍ପଗୁଡିକର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ଗ୍ରାମାଂଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ବ୍ରହ୍ମପୁର, ଅଧିକ୍ଷଣ ଯନ୍ତ୍ରୀ, ବ୍ରହ୍ମପୁର ଏବଂ ନିର୍ବାହୀ ଯନ୍ତ୍ରୀ, ବ୍ରହ୍ମପୁର ପ୍ରମୁଖ ଯୋଗଦେଇଥିଲେ । ବାଚସ୍ପତିଙ୍କ ପରାମର୍ଶ କ୍ରମେ ପାନୀୟ ଜଳ ଯୋଗାଣର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ।

## ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବିଭିନ୍ନ ଦାବି ଉପସ୍ଥାପନା କଲେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୧୫/୭ (ନି.ପ୍ର): ଗତ କିଛି ବର୍ଷ ଧରି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । କେନ୍ଦ୍ର ସରକାର ପଠାଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଓଡିଶାର ଚାଷୀ ପାଉନାହିଁ । ଜିଲ୍ଲାପାଳ, ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀମାନେ ହାତ ଟେକି ଦେଉଥିବାବେଳେ ମଣ୍ଡିମାନଙ୍କରେ ମିଲର୍ସମାନଙ୍କର ରାଜୁତି ଚାଲିଛି । ଚାଷୀଙ୍କ ଧାନ ଭଲ ଥିବା ସତ୍ତ୍ୱେ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇଲା ବେଳେ ପ୍ରତି କ୍ୱିଂଟାଲ ପିଛା ୮/୧୦ କେଜି ଧାନ କଟନି ଛଟନି କରୁଛନ୍ତି । ଧାନ କିଣାବିକାରେ ପ୍ରତି କ୍ୱିଂଟାଲରେ ଆରଏମସି ଓ ପ୍ୟାକ୍ସ କୋଟି କୋଟି ଟଙ୍କା କମିଶନ ପାଉଥିବାବେଳେ ମଣ୍ଡିମାନଙ୍କରେ ଭିତିଭୂମି ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଯାହା ଫଳରେ ଅଦିନିଆ ବର୍ଷା ହେଲେ ମଣ୍ଡିରେ ପଡିଥିବା ଚାଷୀଙ୍କ ଧାନ କ୍ଷତିଗ୍ରସ୍ତ ହେଉଛି । ଆସନ୍ତାକାଲି ଜୁଲାଇ ୧୫ ତାରିଖରୁ ଖରିଫ ଋତୁର ଧାନ ବିକ୍ରି ପାଇଁ ରାଜ୍ୟ ସରକାର ରେଜିଷ୍ଟ୍ରେସନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଗତ ଦିନ ମାନଙ୍କରେ ଅବ୍ୟବସ୍ଥା ହୋଇଥିବାରୁ ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ।

କେନ୍ଦ୍ର ସରକାର ଚଳିତ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଓଡିଶାର ଚାଷୀମାନେ ଯେଭଳି ମିଲର୍ସ ମାନଙ୍କ ଦ୍ୱାରା ଶୋଷଣର ଶିକାର ନହେବେ ଏବଂ ପ୍ରତି କ୍ୱିଂଟାଲ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କା କିପରି ପାଇବେ ତାହା ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ । ଓଡିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ପାରିତ ହୋଇଛି । ଅନ୍ୟ ରାଜ୍ୟ ଭଳି ରାଜ୍ୟ ସରକାର ଚାଷୀମାନଙ୍କୁ ବାକି ଟଙ୍କା ବୋନସ ଆକାରରେ ଦିଅନ୍ତୁ । ମୁଖ୍ୟମନ୍ତ୍ରୀ ନିଜେ ବରଗଡ ଜିଲ୍ଲା ସୋହେଲା ଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ପ୍ରତି କ୍ୱିଂଟାଲରେ ରାଜ୍ୟ ସରକାର ବୋନସ ଦେବା ପାଇଁ ଘୋଷଣା କରିଥିଲେ । ଓଡିଶାର ଯେତେ ଚାଷୀ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେସନ କରିବେ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା ପାଇଁ ସରକାର ନିଷ୍ପତି ନିଅନ୍ତୁ । ଧାନ ମଣ୍ଡିରେ ମିଲର୍ସଙ୍କ ପ୍ରବେଶକୁ ନିସିଦ୍ଧ କରାଯିବା ସହ ସରକାରୀ ସଂସ୍ଥା ଧାନ କିଣି ସାରିବା ପରେ କେବଳ ଧାନ ଉଠାଇବା ପାଇଁ ମିଲର୍ସଙ୍କୁ ଅନୁମତି ଦିଆଯାଉ । ଯାହାଦ୍ୱାରା ମିଲର୍ସମାନେ ମନଇଛା ଚାଷୀଙ୍କ ଧାନ କଟନି ଛଟନି କରିବା ଏବଂ ଚାଷୀଙ୍କୁ ଶୋଷଣ କରିବାର ସୁଯୋଗ ପାଇବେ ନାହିଁ । ଜିଲ୍ଲା ସ୍ତରରେ ଗଠିତ ହେଉଥିବା ଧାନ କ୍ରୟ କମିଟିକୁ ଭୁବନେଶ୍ୱରରୁ ନିୟନ୍ତ୍ରଣ ନକରି ଜିଲ୍ଲା ସ୍ତରରେ ଧାନ କିଣାବିକାର ସମସ୍ତ କ୍ଷମତା ଏହି କମିଟି ଉପରେ ନ୍ୟସ୍ତ କରାଯାଉ । କେନ୍ଦ୍ର ସରକାରଙ୍କ ଠାରୁ ଆସୁଥିବା ବସ୍ତା, ସୁତୁଲି, ପରିବହନ ଆଦି ଖର୍ଚ୍ଚକୁ ଲୁଟ୍ ନକରି ଚାଷୀଙ୍କୁ ଯୋଗାଇ ଦିଆଯାଉ । ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖରେ କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ଓଡିଶାର ୪ଟି ମଣ୍ଡିକୁ ଯାଇ ସରଜମିନ ତଦନ୍ତ କରି ଯେଉଁ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି , ଚଳିତ ଧାନ କିଣା ପୂର୍ବରୁ ରାଜ୍ୟ ସରକାର ତାହାର ତର୍ଜମା କରନ୍ତୁ । କୌଣସି ମଣ୍ଡିକୁ ସମୟ ଅବଧି ପୂର୍ବରୁ ବନ୍ଦ କରି ଦିଆନଯାଉ । ଚାଷ କାର୍ଯ୍ୟ ପାଇଁ ବିଦ୍ୟୁତ ଶୁଳ୍କକୁ ସଂପୂର୍ଣ୍ଣ ଛାଡ କରାଯାଉ । ଚାଷୀଙ୍କୁ ଦଲାଲ କହିଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡିଶାର ଚାଷୀ ସମାଜକୁ କ୍ଷମା ମଗାନ୍ତୁ ବୋଲି ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଥିବା ଚିଠିରେ ଏହି ସମସ୍ତ ଦାବିକୁ ଉଲ୍ଲେଖ କରିଛନ୍ତି ।

## ବସ୍ ଟିକସ ଛାଡ଼ ଉପରେ ବିଚାର ହେଉଛି : ମନ୍ତ୍ରୀ

ଭୁବନେଶ୍ୱର ,୧୫/୭ (ନି.ପ୍ର): ଜୁଲାଇରୁ ସେପ୍ଟମ୍ବର ମାସ ଯାଏ ବସ୍ ଟିକସ ଛାଡ଼ କରିବାକୁ ବସ୍ ମାଲିକ ସଂଘ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲା। ଏହି ଦାବି ଉପରେ ବିଚାର କରାଯାଉଛି ବୋଲି ଆଜି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ଟିକସ ଛାଡ଼ ସହ ଅନ୍ୟାନ୍ୟ ସୁବିଧା ଦେବା ପ୍ରସଙ୍ଗ ମଧ୍ୟ ସରକାରଙ୍କ ବିଚାରାଧୀନ ଅଛି ବୋଲି ମନ୍ତ୍ରୀ କହିଛନ୍ତି। ବସ୍ ଚଳାଚଳ ପ୍ରସଙ୍ଗରେ ଶ୍ରୀ ବେହେରା କହିଛନ୍ତି, 'କାଟାଗୋରି ଏ'ରେ ଥିବା ୨୦ଟି ଜିଲ୍ଲାରେ ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। କିନ୍ତୁ ଅନ୍ୟ ଜିଲ୍ଲାଗୁଡ଼ିକରେ ଚଳାଚଳ ବନ୍ଦ ଥିବାରୁ ୨୦ଟି ଜିଲ୍ଲାରେ ବସ୍ ସେବା ସ୍ୱାଭାବିକ ହୋଇପାରୁନି। ଲକ୍‌ଡାଉନ୍ ଉଠିଲା ପରେ ବସ୍ ଚଳାଚଳ ଯେପରି ସ୍ୱାଭାବିକ ହେବ, ସେ ଦିଗରେ ପଦକ୍ଷେପ ନିଆଯିବ।

## ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ୨୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୫/୭ (ନି.ପ୍ର): ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତକ ସଂଘର ୨୦ତମ ପ୍ରତିଷ୍ଠା ଦିବସ କରୋନା ପାଇଁ ନରାଡ଼ମ୍ବର ଭାବରେ ସ୍ଥାନୀୟ ରାଜଧାନୀ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ପାଳିତ ହୋଇଯାଇଛି। ପ୍ରଥମେ ପ୍ରତୀକ ଭାବରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ରକ୍ତଦାନ କରିଥିଲେ। ପରେ ସ୍ୱେଚ୍ଛାକୃତ ରକ୍ତଦାନର ପରିମାଣ ଆମ ରାଜ୍ୟରେ କିପରି ଏତ ପ୍ରତିଶତ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ରକ୍ତଦାନ ପ୍ରକ୍ରିୟାରେ ଅଧିକ ଆଗ୍ରହୀ ଯୁବକ ଯୁବତୀମାନେ ଯୋଗଦେଲେ ଏଥିରେ କିଛି ପରିବର୍ତନ ହେବ ବୋଲି ଅନୁଷ୍ଠାନର ଉପଦେଷ୍ଟା ତଥା ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର କହିଥିଲେ। ଏହି ଆଲୋଚନାରେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଭାରତୀ, ରକ୍ତଦାନ ଶିବିର ଆୟୋଜକ ସଞ୍ଜୟ ସ୍ୱାଇଁ ଓ ରେଡ଼କ୍ରସ୍‌ର ଆଜୀବନ ସଦସ୍ୟ ସମରଞ୍ଜନ ମହାନ୍ତି ଆଦି ଭାଗ ନେଇଥିଲେ।

## ମାଲକାନଗିରି ଜିଲ୍ଲା ଗସ୍ତରେ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୧୫/୭ (ନି.ପ୍ର): ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଚାରି ଦିନିଆ ଦକ୍ଷିଣ ଓଡ଼ିଶା ଜିଲ୍ଲା ଗସ୍ତରେ ଆସି ଆଜି ମଧ୍ୟାହ୍ନରେ ମାଲକାନଗିରି ଜିଲ୍ଲାରେ ପହଂଚିଛନ୍ତି।

ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲା ସର୍କିଟ ହାଉସ୍‌ଠାରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ, ଏଡିଏମ୍, ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ଜିଲ୍ଲା ଇ-ପରିଚାଳକଙ୍କ ସହ ଜିଲ୍ଲାର କ୍ରୀଡ଼ା ଓ ଆଇଟି ଭିତିଭୂମି ଉପରେ ଆଲୋଚନା କରିଥିଲେ । ଜିଲ୍ଲାରେ ଭାରତ ନେଟ୍ କାର୍ଯ୍ୟକ୍ରମ ସହ ସାଧାରଣ ଲୋକ ଓ ଛାତ୍ରଛାତ୍ରୀ କିପରି ସହଜରେ ଇଂଟରନେଟ୍ ବ୍ୟବସ୍ଥା ଏବଂ ମୋବାଇଲ୍ ନେଟ୍‌ଓ୍ୱାର୍କ ପାଇପାରିବେ ସେ ସଂପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ । ଏଥି ସହିତ ଜିଲ୍ଲାର କ୍ରୀଡ଼ା ଭିତିଭୂମି, ସୁବିଧା-ଅସୁବିଧା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆଜିର ଗସ୍ତ ଅବସରରେ ଅନେକ ସ୍ଥାନୀୟ ନେତା ଓ ଜନପ୍ରତିନିଧି ମନ୍ତ୍ରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ପାଇଁ ଧନ୍ୟବାଦ ଦେବା ସହ ମନ୍ତ୍ରୀଙ୍କ ନିରନ୍ତର ଗସ୍ତ ଫଳରେ ଜିଲ୍ଲାରେ ଅନେକ ବିକାଶମୂଳକ କାର୍ଯ୍ୟ ଆଗେଇ ପାରିଛି ବୋଲି କହିଥିଲେ । ଆସନ୍ତାକାଲି ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲା ଯୋଜନା କମିଟି ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପୂର୍ବଥର କୋଭିଡ୍ ମହାମାରୀ ପାଇଁ ଏହି ବୈଠକ ଭର୍ଚୁଆଲ ମାଧ୍ୟମରେ ହୋଇଥିବାବେଳେ ପରିସ୍ଥିତି ବର୍ତମାନ ନିୟନ୍ତ୍ରଣାଧୀନ ଥିବାରୁ ଚଳିତ ବୈଠକ ପ୍ରତ୍ୟକ୍ଷ ଭାବେ ଅନୁଷ୍ଠିତ ହେବ । ବୈଠକରେ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କୋଭିଡ୍ ପାଇଁ ଧିମେଇ ଯାଇଥିବା ବିଭିନ୍ନ ପ୍ରକଳ୍ପ କିପରି ଆଗେଇ ପାରିବ ସେ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି । ମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଜିଲ୍ଲାର ବୁଦ୍ଧିଜୀବୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି ।

## କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ୍ ଓ ରନ୍ଧନ ଗ୍ୟାସର କ୍ରମାଗତ ଅହେତୁକ ଦରବୃଦ୍ଧି କରିବା ପ୍ରତିବାଦରେ ରାଜ୍ୟ କଂଗ୍ରେସର ସାଇକେଲ୍ ଶୋଭାଯାତ୍ରା

ଭୁବନେଶ୍ୱର,୧୫/୭ (ନି.ପ୍ର): କରୋନା ମହାମାରୀ ମୁକାବିଲାରେ ବିଫଳ ହୋଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବେ କ୍ରମାଗତ ଭାବେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଟିକସ୍ ଲଦି ସାଧାରଣ ଲୋକଙ୍କୁ ଲୁଟ୍ କରିବା ନୀତି ପ୍ରରିହାର କରନ୍ତୁ ବୋଲି ଦାବି କରି ରାଜ୍ୟ କଂଗ୍ରେସ ପକ୍ଷରୁ ଜୁଲାଇ ୭ ରୁ ଜୁଲାଇ ୧୭ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିଛି । ଆଜି ଏହି ଆନ୍ଦୋଳନର ଅଂଶବିଶେଷ ସ୍ୱରୂପ ରାଜଧାନୀ ଭୁବନେଶ୍ୱରରେ ପ୍ରଦେଶ କଂଗ୍ରେସ୍ କମିଟି ପକ୍ଷରୁ ଏକ ସାଇକେଲ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ଏବଂ ଆଗକୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏପରି ଆନ୍ଦୋଳନ ଜାରି ରହିବ ବୋଲି ସାଇକେଲ୍ ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ପି.ସି.ସି. ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରର ବ୍ୟାରେଲ୍ ପିଛା ଦର କମୁଥିବା ବେଳେ ଭାରତରେ ପେଟ୍ରୋଲ୍, ଡିଜେଲ୍ ଦର କ୍ରମାଗତ ଭାବେ ବୃଦ୍ଧି ପାଇବା ମୋଦି ସରକାରର ଆଚ୍ଛେଦିନର ନଗ୍ନ ନମୂନା ବୋଲି ସେ କହିଥିଲେ । କେବଳ ସେତିକି ନୁହେଁ, ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦରବୃଦ୍ଧି ଯୋଗୁଁ ହାଣ୍ଡିଶାଳରେ ମହିଳାମାନଙ୍କ ଆଖିରୁ ଲୁହ ବୋହୁଛି ଏବଂ ଏହି ଲୁହ ସରକାରଙ୍କ ଉପରେ ପଡ଼ିବ । ସେହିପରି ଖାଇବା ତେଲର ଦର ମଧ୍ୟ ଲଗାମଛଡ଼ା ବୃଦ୍ଧି ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ପାଉଥିବାରୁ ଏହା ଖାଉଟିଙ୍କ ଉପରେ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ । କରୋନା ମହାମାରୀ କାରଣରୁ ଲୋକଙ୍କ ଅର୍ଥନୀତି ଭୁଷୁଡି ପଡ଼ିଥିବା ବେଳେ ମୋଦି ସରକାର ନିଜର ଅହମିକା ଓ ଅହଂକାର ବଳରେ ସାଧାରଣ ଖାଉଟିଙ୍କ ଉପରେ ଟିକସ ପଇସା ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ଆସନ୍ତାକାଲି ୧୫ ତାରିଖ (ଗୁରୁବାର) ପ୍ରମୁଖ ଚାରିଟି ବାମଦଳ ପକ୍ଷରୁ ୬ ଘଂଟିଆ ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ କରିବ ବୋଲି ପି.ସି.ସି. ସଭାପତି ଶ୍ରୀ ପଟ୍ଟନାୟକ କହିବା ସହ ଉକ୍ତ ଗୋଟିଏ ଦିନ ପାଇଁ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନଗ୍ୟାସ ନ କିଣିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସେହିପରି ଆଗାମୀ ୧୭ ତାରିଖ ଦିନ ସମସ୍ତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ କଂଗ୍ରେସ ପକ୍ଷରୁ ହେବାକୁ ଥିବା ଦସ୍ତଖତ ଅଭିଯାନରେ ସାମିଲ୍ ହୋଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଖାଉଟିମାନେ ନିଜର ମୂଲ୍ୟବାନ ମତାମତ ଦେବା ସହ ଦସ୍ତଖତ ଦେବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ସାଇକେଲ୍ ଶୋଭାଯାତ୍ରାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ୍ ଦାଶ ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର୍ ନୱାଜଙ୍କ ନେତୃତ୍ୱରେ ୫୦୦ ରୁ ଉର୍ଦ୍ଧ୍ୱ ସାଇକେଲ୍ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ୍ ଛକ, ଶ୍ରୀୟାଟକିଜ୍ ଛକ, ରାମମନ୍ଦିର ଛକ ଦେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ପ୍ଲା କାର୍ଡ ଓ ଦଳୀୟ ପତାକା ସହ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିଥିଲେ ।

## ରାଜ୍ୟ ସରକାରଙ୍କ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି , ଅଘୋଷିତ ବିଜୁଳି କାଟ୍ ଏବଂ ଲୋ ଭୋଲଟେଜ ପ୍ରତିବାଦରେ ମାଷ୍ଟର କ୍ୟାଂଟିନଠାରେ ବିକ୍ଷୋଭ ପ୍ରଦର୍ଶନ କଲା ଜିଲ୍ଲା ବିଜେପି

ଭୁବନେଶ୍ୱର,୧୫/୭ (ନି.ପ୍ର): କରୋନା ସମୟରେ ରାଜ୍ୟ ସରକାର ବିଦ୍ୟୁତ ବିଲ ବୃଦ୍ଧି କରିବା ବୋଝ ଉପରେ ନଳିତା ବିଡା ସଦୃଶ । ଓଇଆରସିର ବିଦ୍ୟୁତ ଦର ବୃଦ୍ଧି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ଏପ୍ରିଲ ୪,୨୦୨୧ରୁ ରାଜ୍ୟ ସରକାର ବିଦ୍ୟୁତ ବିଲରେ ୟୁନିଟ ପିଛା ୩୦ ପଇସା ବୃଦ୍ଧି କରି ନିରୀହ ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି । ରାଜ୍ୟ ସରକାରଙ୍କ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି, ଅଘୋଷିତ ବିଜୁଳି କାଟ୍ ଏବଂ ଲୋ ଭୋଲଟେଜ ପ୍ରତିବାଦରେ ମାଷ୍ଟର କ୍ୟାଂଟିନ ଠାରେ ଜିଲ୍ଲା ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗତ ୬ ମାସରେ ଓଇଆରସି ୟୁନିଟ ପିଛା ପାଖାପାଖି ୫୦ ପଇସା ଦର ବୃଦ୍ଧି କରିଛି । କରୋନା ସମୟରେ ସାଧାରଣ ଜନତା ପେଟ ପାଇଁ ଚିନ୍ତା କରୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ବିଜୁଳି ଝଟକା ଦେଉଛନ୍ତି । ବିଧାନସଭାର ପବିତ୍ର ଗୃହରେ ବିଭାଗୀୟ ମନ୍ତ୍ରୀ ବିଦ୍ୟୁତ ଦର ବୃଦ୍ଧି ଉପରେ ପୁର୍ନବିଚାର କରିବା ପାଇଁ ଓଇଆରସିକୁ ଚିଠି ଲେଖିବେ ବୋଲି ପ୍ରତିଶୃତି ଦେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଚିଠି ଖଣ୍ଡେ ଲେଖିଲେ ନାହିଁ । ରାଜ୍ୟ ସରକାର ଏବଂ ଓଇଆରସି ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବାରୁ ବିଦ୍ୟୁତ ଦର ବୃଦ୍ଧି ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ଅଭିଯୋଗ କରିଛନ୍ତି ।

ରାଜ୍ୟରେ ହୋଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟରେ ହଜାର ହଜାର କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଓଡିଶାକୁ ପ୍ରଦାନ କରାଯାଇଛି । କିନ୍ତୁ ରାଜ୍ୟ ସରକାର ଭିତିଭୂମି ସୁଦୃଢ଼ ନକରି ଏହି ଅର୍ଥକୁ ହରିଲୁଟ୍ କରିଛନ୍ତି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ୯୨ ଲକ୍ଷ ବିଦ୍ୟୁତ ଉପଭୋକ୍ତା ଏବେ କଷ୍ଟରେ ଅଛନ୍ତି । ରାଜ୍ୟ ସରକାର ସେବା କମ୍ ଏବଂ ଟିକସ ଅଧିକା ନେବା ନୀତି ଆପଣାଇଛନ୍ତି । ବିଶେଷ କରି କରୋନା ମହାମାରୀ ସମୟରେ ବିଦ୍ୟୁତ ଦର ବୃଦ୍ଧି କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ସିଂ କହିଛନ୍ତି ।

ବିଗତ ଦିନରେ ବିଭିନ୍ନ ପ୍ରାକୃତି ବିପର୍ଯ୍ୟୟ ପରେ ମିଳିଥିବା କେନ୍ଦ୍ରୀୟ ସହାୟତାକୁ କିଭଳି ଖର୍ଚ୍ଚ କରାଯାଇଛି, କେଉଁ ଠିକାଦାରକୁ କାମ ଦିଆଯାଇଛି ଏବଂ କେତେ ପରିମାଣରେ କାମ ହୋଇଛି ତାହାର ସବିଶେଷ ତଥ୍ୟ ଏକ ଶ୍ୱେତପତ୍ର ମାଧ୍ୟମରେ ରାଜ୍ୟ ସରକାର ପ୍ରକାଶ କରନ୍ତୁ । ଏହା ସହ ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କକୁ ପ୍ରତ୍ୟାହାର କରାଯାଉ ବୋଲି ଶ୍ରୀ ସିଂ ଦାବି କରିଛନ୍ତି ।

ନିଜର ଅପାରଗତ ଓ ସ୍ଥାଣୁତା ଯୋଗୁଁ ସରକାର ବିଦ୍ୟୁତ ଉତ୍ପାଦନ ଓ ଯୋଗଣରେ ରାଜ୍ୟ ସରକାର ଫେଲ୍ ମାରିଛନ୍ତି । ଡିସକମ କଂପାନୀ ଗୁଡିକ ରାଜ୍ୟ ସରକାରଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ୍ କରିବା ପରେ ସେଗୁଡିକୁ ଭରଣା କରିବା ପାଇଁ ସାଧାରଣ ଲୋକଙ୍କଠାରୁ ଟିକସ ଆଦାୟ କରାଯାଉଛି । ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କକୁ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ରାଜ୍ୟର ୯୨ ଲକ୍ଷ ଉପଭୋକ୍ତା ପାଇଁ ବିଜେପି ନିର୍ଣ୍ଣାୟକ ଲଢେଇ ଜାରି ରଖିବ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି ଚେତାବନୀ ଦେଇଛନ୍ତି ।

ଏହି ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ଜିଲ୍ଲା ଉପସଭାପତି ମାନସୀ ରାୟ, ବିଭାସ ସେନଗୁପ୍ତା, ନିରଜଂନ ରାଉତରାୟ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମି ରଂଜନ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ମନୋଜ କୁମାର ପର୍ଶ୍ଚିମ କବାଟ, ରୈଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରଶ୍ମି ରଂଜନ ମୁଦୁଲି, ମଣ୍ଡଳ ସଭାପତି ଶଶିପ୍ରଭା ରଥ, ଫିରୋଜ ଖାନ, ସନ୍ତୋଷ ଜେନା, ଜଗନ୍ନାଥ ବେହେରା, ରାମଚନ୍ଦ୍ର ରଣସିଂହ, ଦାମଦୋର ବେହେରା, ଅଂଜନ ନାଥ, ବିଜୟ କୁମାର ରାଉତଙ୍କ ସମେତ ଦଳୀୟ କାର୍ଯ୍ୟକର୍ତା ଏବଂ ସାଧାରଣ ଜନତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିକୁ ଏକକ ବିଶ୍ୱବିଦ୍ୟାଳୟ କରିବାକୁ ଦାବି ଜୋର ଧରିଲା

**୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ପୁରୁଣା ଛାତ୍ର ଛାତ୍ରୀ ଦେଲେ ସ୍ମାରକପତ୍ର**

ଭୁବନେଶ୍ୱର,୧୫/୭ (ନି.ପ୍ର): ସରକାର ପରିଚାଳିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି) ର ଛାତ୍ରଛାତ୍ରୀମାନେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ପିଟିସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ୬୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଆଲୁମିନି ଏହି ଆବେଦନପତ୍ର ମାଧ୍ୟମରେ ନିଜର ଦାବି ପ୍ରକାଶ କରିଛନ୍ତି। ସରକାରଙ୍କ ଉଦାସୀନତା ଏବଂ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଛାତ୍ରଛାତ୍ରୀମାନେ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ହେବା ପାଇଁ ସିଇଟି କଲେଜର ସମସ୍ତ ଶିକ୍ଷାଗତ ଯୋଗ୍ୟତା ଅଛି । ବିଶ୍ୱବିଦ୍ୟାଳୟ ତିଆରି ହେଲେ କଲେଜ ପ୍ରକୃତରେ ଭଲ କରିପାରିବ ବୋଲି ଆବେଦନପତ୍ରରେ ଉଲ୍ଲେଖ କରାଯାଇଛି । ଏହାପୂର୍ବରୁ ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ୧୪ ଦିନିଆ ଅଭିଯାନ 'ସଂଘର୍ଷ' ଆରମ୍ଭ କରି ଅନୁଷ୍ଠାନ ପାଇଁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ସ୍ମାରକପତ୍ର ଦାଖଲ କରିଥିଲେ।

# ପେଟ୍ରୋଲ ଦ୍ରବ୍ୟ ଓ ବଜାରମୂଲ୍ୟ ବୃଦ୍ଧି ବିରୋଧରେ ଓଡିଶା ବନ୍ଦ

## ବାମଦଳର ୬ ଘଣ୍ଟିଆ ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ



ଜଳେଶ୍ୱର,୧୫/୦୭ (ନି.ପ୍ର): ବାମ ଦଳ ଡାକରାରେ ଆଜି ଶାନ୍ତିପୂର୍ଣ୍ଣ ଉପାୟରେ ଜଳେଶ୍ୱରରେ ବନ୍ଦ ପାଳିତ ହୋଇଛି । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ, ଡାଲି ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ବନ୍ଦ କରିବା ତଥା ମୁନାଫାଖୁର ମହଦୁଦକାରୀ କଳାବଜାରୀ ଦଳଙ୍କୁ ଗିରଫ ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ଆନ୍ଦୋଳନକାରୀମାନେ ଟ୍ରେନ୍ ଲାଇନ୍, ୬୦ନଂ ଜାତୀୟ ରାଜପଥ ଅବରୋଧ କରିବା ସହିତ ବ୍ୟାଙ୍କ, ବୀମା, ପୋଷ୍ଟାଲ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଫିସ୍, ସ୍କୁଲ କଲେଜ ଓ ପରିବହନ ସ୍ୱତଃସ୍ଫୁର୍ତ୍ତଭାବେ ବନ୍ଦ ରହିଥିଲା । ଏଥିରେ ସିପିଆଇ(ଏମ୍), ଶିକ୍ଷକ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି, ସିଆଇଟିଉ, ନିର୍ମାଣ ଶ୍ରମିକ, ମହିଳା ସମିତି, କୃଷକ ସଭା, ପାଚିକା ସଂଗଠନ, କ୍ଷେତମଜଦୁର ୟୁନିୟନ, ପ୍ରରିବହନ ଶ୍ରମିକ ପ୍ରମୁଖ ସଂଗଠନ ଏହି ବନ୍ଦକୁ ସହାୟତ କରିଥିଲେ । ବଣିକ ସଂଘ ଏହି ବନ୍ଦକୁ ନୈତିକ ସମର୍ଥନ ଜଣାଇଥିଲା । ଆସନ୍ତା ଦିନରେ କେନ୍ଦ୍ର ସରକାର ଦର ନିୟନ୍ତ୍ରଣ ଲାଗି ପେଟ୍ରୋଲ, ଡିଜେଲ ଉପରେ ଜିଏସ୍‌ଟି ଲାଗୁ କରିବା, ରାଜ୍ୟ ସରକାର ଭାଟ କମାଇବା ଓ ମୁନାଫାଖୋରଙ୍କୁ ଗିରଫ କରିବା ଦାବିରେ ସରକାରଙ୍କୁ ସେମାନେ ଚେତାବନୀ ଦିଆଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦୀ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ଜୀବନ ପରିଡା, ରତନ ଦାସ, ସେକ୍ ଅବଦୁଲ ସାଦ୍ଦିକ, ଯତିନ୍ ଜେନା, ରାମଚନ୍ଦ୍ର ଦେ, ବସନ୍ତ ପ୍ରଧାନ, ଈଷାନୀ ଷଡଙ୍ଗୀ, ମମି ପଣ୍ଡା, ମନୋରଂଜନ ଦାସ, ଅକ୍ଷୟ ମିଶ୍ର, ଡ.ଅଜିତ୍ ମହାନ୍ତି, ବଂଶୀଧର ବାରିକ, ଅଜିତ୍ ଦାସ, ଭାସ୍କର ମିଶ୍ର, କମଳ ଚକ୍ରବର୍ତ୍ତୀ, ଆକବର ସାହା, ମଦନ ମହାଲି, ଯଦୁନାଥ ନାୟକ, ସୀତାରାମ ଦଳେଇ, ରାଜୀବ ପଣ୍ଡା, ଜଗନ୍ନାଥ ପରିଡା, ଅବଦୁଲ ରହିମ, ଅସୀମ ବେହେରା, ସେକ୍ ଜମିରୁଦ୍ଦିନ, ସେକ୍ ସାତାରୁଦ୍ଦିନ, ଖଗେନ୍ଦ୍ର ମହୁରୀ, ରାଜକୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଏହି ବନ୍ଦ ଡାକରାକୁ କଂଗ୍ରେସ ପକ୍ଷରୁ କିଷାନ ସଭାପତି ସୁଦାମ ପାତ୍ର, ସତ୍ୟସୁନ୍ଦର ଦାସ, ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ସବ୍ୟସାଚୀ ଦାସ, ଶ୍ରୀକାନ୍ତ ସିଂ, ଦୀପକ ପାତ୍ର, ସୁରେଶ ମହନ୍ତ, ଜଗଦୀଶ ନନ୍ଦି, ନବୀନ ପଣ୍ଡା, ସୃଷ୍ଟିଧର ସିଂ, ଆଦିକନ୍ଦ ପ୍ରଧାନ ପ୍ରମୁଖ ଷ୍ଟେସନ ବଜାର, ଲକ୍ଷ୍ମଣନାଥ ଟୁଲ ପ୍ଲାଜା, ୬୦ନଂ ଜାତୀୟ ରାଜପଥ, ବ୍ଲକଛକ, ସୁଗୋ ଅଂଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକୁ ବାଇକ୍ ସଭାଯାତ୍ରାରେ ଯାଇ ବନ୍ଦ ପାଳନରେ ସହାୟତା କରିଥିଲେ । ଫଳରେ ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜାଠାରେ ଉଭୟପଟରେ ଶହ ଶହ ଗାଡି ଅଟକି ରହିଥିଲା ।

## ଅକ୍ଷୟପାତ୍ର ଫାଉଣ୍ଡେସନ ବିଲଡିଂ ସିଲ୍

ପୁରୀ,୧୫/୦୭ (ନି.ପ୍ର): ରଥଯାତ୍ରା ସମୟରେ କର୍ଫ୍ୟୁ ନିୟମ ଉଲଂଘନ କରିଥିବା ଅଭିଯୋଗ ରେ ବଡଦାଣ୍ଡ ର ମାଉସୀ ମାଆ ମନ୍ଦିର ଛକ ରେ ଥିବା ଅକ୍ଷୟପାତ୍ର ଫାଉଣ୍ଡେସନ କୁ ସିଲ କରିଛି ପ୍ରଶାସନ ।ଗତ ଜୁଲାଇ ୧୨ ତାରିଖ ଦିନ ବଡଦାଣ୍ଡ ରେ ଶ୍ରୀଜିଉ ଙ୍କ ରଥ ଯାଉଥିବା ସମୟରେ ଅକ୍ଷୟପାତ୍ର ଫାଉଣ୍ଡେସନ ବିଲଡିଂ ର ଛାତ ଓ ବାଲକୋନୀ ରେ ରାଜ୍ୟ ବାହାରର ଯାତ୍ରୀ ମାନେ ଠିଆ ହୋଇ କଟକଣା ଉଲଂଘନ କରୁଥିବା ଅଭିଯୋଗ ହୋଇଥିଲା । ଭିଡିଓ ଫୋଟେଜ ଅନୁଧାନ କରିବା ପରେ ଅଭିଯୋଗ ସତ୍ୟତା ର ପ୍ରମାଣ ମିଳିବାରୁ ଅକ୍ଷୟପାତ୍ର ଫାଉଣ୍ଡେସନ ବିଲଡିଂ କୁ ସିଲ କରାଯାଇଥିବା ଉପଜିଲାପାଳ ଭବତରଣ ସାହୁ କହିଛନ୍ତି । ସୂଚନା ଯୋଗ ଯେ, ଗତକାଲି କର୍ଫ୍ୟୁ ନିୟମ ଉଲଂଘନ ଅଭିଯୋ ରେ ବଡଦାଣ୍ଡ ରେ ଥିବା ଗଙ୍ଗା ଲଜ କୁ ସିଲା କରାଯାଇଥିଲା ।

## ଗୁଣ୍ଡିଚା ମନ୍ଦିର ଚତୁପାର୍ଶ୍ୱରେ ଜାରି ହେଲା ପୁଣି ୧୪୪ ଧାରା

ପୁରୀ,୧୫/୦୭ (ନି.ପ୍ର): ଶ୍ରୀ ଜିଉ ମାନେ ନବଦିନ ଯାତ୍ରା ରେ ଆସି ଗୁଣ୍ଡିଚା ମନ୍ଦିର ରେ ଅବସ୍ଥାନ କରୁଛନ୍ତି । ମହାମାରୀ କରୋନା ଜନିତ କଟକଣା ଯୋଗୁଁ ଶ୍ରୀ ଗୁଣ୍ଡିଂଚା ମନ୍ଦିର ମଧ୍ୟକୁ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଛି । ତେବେ ଶରଧାବାଲି ଅଂଚଳରେ ଜନ ସମାଗମ ସମ୍ଭାବନା ରହିଛି । ତାହା କୁ ଆଖି ଆଗରେ ରଖି କୋଭିଡ୍ କଟକଣା ଉଲଂଘନ ଆଶଙ୍କାରେ ଜିଲା ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ଚତୁପାର୍ଶ୍ୱ ଅଂଚଳରେ ପୁର୍ନବାର ୧୪୪ ଧାରା ଯାରି କରାଯାଇଛି । ଭୋଳାନାଥ ବିଦ୍ୟାପୀଠ ଠାରୁ ଖାକିମଠ ନୁଆସାହି ଛକ ଗୁଣ୍ଡିଚା ମନ୍ଦିର ସମେତ ଶରଧାବାଲି ଅଂଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଯାରି କରାଯାଇଛି । ଆଜି ସକାଳ ୬ଟା ଠାରୁ ୧୯ ତାରିଖ ଦିନ ରାତି ୮ଟା ପର୍ଯ୍ୟନ୍ତ କଟକଣା ବଳବତର ରହିବ ବୋଲି ଯାରି କରାଯାଇଥିବା ନିର୍ଦ୍ଦେଶ ନାମା ରେ ଉଲ୍ଲେଖ କରାଯାଇଛି । ସଂପୃକ୍ତ ଅଂଚଳ ରେ ଯାନାବାହାନ ଚଳାଚଳ କୁ ନିଷେଧ କରାଯାଇଛି । ତେବେ କେବଳ ଅନୁମତି ପ୍ରାପ୍ତ ଗାଡି ଗୁଡିକୁ ଯିବା ଲାଗି ସୁଯୋଗ ଦିଆଯିବ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନିର୍ମାଣ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ....

ଆଲୋକ ଦେଖାନ୍ତି । ନିଜେ ଅସୁବିଧାରେ ରହି ଅନ୍ୟ ପାଇଁ ଭଲ ଘର ତିଆରି କରନ୍ତି । ରାସ୍ତା, ସେତୁ ଆଦି କରନ୍ତି । ବିକାଶର ପ୍ରତିଟି ପୃଷ୍ଠାରେ ରହିଛି ଆମର ନିର୍ମାଣ ଶ୍ରମିକ ମାନଙ୍କର ତ୍ୟାଗ ଓ ପରିଶ୍ରମର କାହାଣୀ । ଗରିବ ଲୋକର ତ୍ୟାଗକୁ ସମ୍ମାନ ଦ୍ୱାରା ହିଁ ଆମେ ବିକାଶ ସହ ସମସ୍ତଙ୍କ ଯୋଡି ପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସହାୟତା ପାଇଥିବାରୁ ନିର୍ମାଣ ଶ୍ରମିକ ମାନେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଗଞ୍ଜାମର ରବୀନ୍ଦ୍ର ପ୍ରଧାନ, କଟକର ନବଘନ ପରିଡା, ବରଗଡର କେଶବ ପ୍ରଧାନ, ସୁନ୍ଦରଗଡର ରେଣୁ ମିଞ୍ଜ , ସମସ୍ତଙ୍କ ମୁହଁରେ ଗୋଟିଏ ଭାଷା ଥିଲା – ଧନ୍ୟବାଦ ମୁଖ୍ୟମନ୍ତ୍ରୀ ଆଜ୍ଞା। ଆପଣଙ୍କ ସହାୟତା ଆମକୁ ଏ ବିପଦ ସମୟରେ ବଞ୍ଚିବାର ରାହା ଦେଇଛି । ଗତ ବର୍ଷ ୧୫୦୦ ଟଙ୍କା ପାଇଥିଲୁ, ଏ ବର୍ଷ ମଧ ପାଇଲୁ । ତା ସହିତ ପିଲାଙ୍କ ପାଠପଢା, ସାଇକେଲ, ଝିଅ ବାହାଘର ସବୁ ସମୟରେ ଆମେ ସହାୟତା ପାଉଛୁ ବୋଲି ଖୁସିରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମଧ ସେମାନଙ୍କୁ କେତେ ଟଙ୍କା ପାଇଛ ବୋଲି ପଚାରି ବୁଝିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରମ ଓ ଇ.ଏସ୍?.ଆଇ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ଆଇନର କାର୍ଯ୍ୟକାରିତା ଓ ନାଗରିକ କେନ୍ଦ୍ରିକ ଯୋଜନା ଉପରେ ଆଲୋକପାତ କରିଥିଲେ । ଓଡିଶା କୋଠାବାଡି ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଥିଲେ ଯେ ବୋର୍ଡ ଅଧୀନରେ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ୩୨ଟି ଯୋଜନା କାର୍ଯ୍ୟକାରୀ କରାଯାଉଛି ଏବଂ ଏହିସବୁ ସେବାକୁ ୫–ଟି ଜରିଆରେ ଦକ୍ଷତାର ସହ ତୁରନ୍ତ ଯୋଗାଇ ଦିଆଯାଉଛି ।

### ତୈଳ ଦର ବୃଦ୍ଧି ପ୍ରତିବାଦରେ....

ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ଦୁଷ୍ମନ୍ତ ଦାସ ଓ ସୁରେଶ ପାଣିଗ୍ରାହୀ, ସମଜବାଦୀ ପାର୍ଟିର ସୁଦର୍ଶନ ଦାସ ଏବଂ ମାଷ୍ଟରକ୍ୟାଂଟିନ ଛକର ଅନ୍ୟ ଏକ ସ୍ଥାନରେ ସିପିଆଇ (ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ ଓ ମହେନ୍ଦ୍ର ପରିଡ଼ା, ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହାପରେ ସିପିଆଇ, ସିପିଆଇ(ଏମ୍) ଓ ସମାଜବାଦୀ ପାର୍ଟିର ନେତା ଓ କର୍ମୀମାନେ ମାଷ୍ଟରକ୍ୟାଂଟିନରୁ ଲୋୟର ପିଏମ୍‌ଜି ଆଡ଼କୁ ଯିବାବେଳେ ପୋଲିସ କର୍ଡନ ଭାଙ୍ଗିବାରୁ କମିଶନରେଟ ପୋଲିସ ସେମାନଙ୍କୁ ଗିରଫ କରିଥିଲା । ଏହା ସହିତ ଏଜିଛକ, ଲୋୟର ପିଏମ୍‌ଜି, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଚନ୍ଦ୍ରଶେଖରପୁର, କିଟ୍ ଛକ, ରେଳକୁଞ୍ଜ ସମେତ ବିଭିନ୍ନ ସ୍ଥାନରେ ବାମପନ୍ଥୀ ଦଳର କର୍ମୀମାନେ ପିକେଟିଂ କରିବା ସହିତ ଜାତୀୟ ରାଜପଥକୁ ମଧ ଅବରୋଧ କରିଥିଲେ ।

### ଆଗାମୀ ୩ଦିନ ଯାଏଁ ରାଜ୍ୟର....

ସମ୍ଭାବନା ରହିଛି । ୧୭ରୁ ୧୮ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ଖୋର୍ଦ୍ଧା, ମୟୂରଭଞ୍ଜ, କଟକ, ନୟାଗଡ଼, ପୁରୀ, ଗଞ୍ଜାମ, କନ୍ଧମାଳ ଓ ବୌଦ୍ଧ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଯାବତ ରାଜ୍ୟର ସମ୍ବଲପୁରରେ ୩୪.୫ଡିଗ୍ରି ସେଲସିୟସ ସର୍ବାଧିକ ତାପମାତ୍ରା ଥିବା ବେଳେ ଫୁଲବାଣୀରେ ୧୮.୦ଡିଗ୍ରି ସେଲସିୟସ ସର୍ବନିମ୍ନ ତାପମାତ୍ରା ରହିଛି ।

### ରାଷ୍ଟ୍ରୀୟ ରାଜନୀତିରେ....

ଅଧିବେଶନ ଚାଲିଥିବ । ଏହି ସମୟରେ ସରକାରଙ୍କୁ ଘେରିବାକୁ କଂଗ୍ରେସ ସହ ମିଶି କୋଭିଡ-୧୯ ବେଳେ ସରକାରଙ୍କ ବିଫଳତା, ମୂଲ୍ୟ ବୃଦ୍ଧି ସହିତ ଅନେକ ସମସ୍ୟା ଉପରେ ସରକାରଙ୍କୁ ଘେରିବାକୁ ଯୋଜନା କରିପାରନ୍ତି । କହିରଖୁ କି ସଂସଦର ପ୍ରତିଟି ଅଧିବେଶନ ପୂର୍ବରୁ ବିରୋଧୀମାନେ ଏକାଠି ହୋଇ ରଣନୀତି ପ୍ରସ୍ତୁତ କରିଥାନ୍ତି । ହେଲେ କୋଭିଡ ମହାମାରୀ ପାଇଁ ଚଳିତ ଅଧିବେଶନ ପୂର୍ବରୁ ବିରୋଧୀଦଳ ରଣନୀତି ପ୍ରସ୍ତୁତ ପାଇଁ ବୈଠକ କରିପାରି ନାହାନ୍ତି । ଏପଟେ ତୃଣମୂଳ କଂଗ୍ରେସ ଦଳର ଏକ ପ୍ରତିନିଧିମଣ୍ଡଳ (ଯାହା ମଧ୍ୟରେ ୬ ଜଣ ସାଂସଦ ସାମିଲ ଅଛନ୍ତି) ଆଜି ଦିଲ୍ଲୀରେ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି ।

### 'ହୁ' ମୁଖ୍ୟଙ୍କ ....

ମାନୁନଥିବା ଦେଖାଯାଇଛି । ଏହା ଡେଲଟା ଭାରିଆଣ୍ଟର ସଂକ୍ରମଣ ବୃଦ୍ଧି ହେବାର କାରଣ ହେବା ସହ ଅଧିକ ଲୋକେ ସଂକ୍ରମିତ ହେବେ ଏବଂ ମୃତ୍ୟୁମୁଖରେ ପଡିବେ । ଗତ କିଛି ଦିନ ହେଲା ଦେଶରେ ସଂକ୍ରମଣ ୪୦ ହଜାର ତଳକୁ ରହୁଥିବା ବେଳେ ଆଜି ଏହା ପୁଣି ୪୦ହଜାର ଟପିଛି । ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୧ ହଜାର ୮୦୬ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦିନକରେ ପୁଣି ୫୮୧ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ଲକଡାଉନ ଖୋଲିବା ପରେ ପରେ ଭୂତାଣୁ ପୁଣି ଠାରେ ନିଜ କାୟା ବିସ୍ତାର କରିବା ଆରମ୍ଭ କରିଛି ।

# ଅଙ୍ଗନୱାଡି କର୍ମୀ, ମିନି କର୍ମୀ ଓ ସହାୟକଙ୍କ ସମସ୍ୟା ହେଉ ସମାଧାନ : ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ଜଳେଶ୍ୱର,୧୫/୦୭ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳରେ ଥିବା ସମସ୍ତ ଅଙ୍ଗନୱାଡିର କର୍ମୀ, ମିନି କର୍ମୀ ଓ ସହାୟିକା ମାନଙ୍କର ଦୀର୍ଘଦିନର ବିଭିନ୍ନ ସମସ୍ୟା ରହିଥିବା ବେଳେ ସ୍ଥାନୀୟ କର୍ମକର୍ତ୍ତାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଅଦ୍ୟାବଧି ସମାଧାନ ହୋଇ ପାରିନାହିଁ । ଆସନ୍ତା ୨୨ ତାରିଖ ସୁଧା ୧୧ ଦଫା ଦାବି ଗୁଡିକର ସମାଧାନ ନ ହେଲେ ଆଗାମୀ ଦିନରେ ରାଜ୍ୟ ସଂଗଠନ ଓ ଟ୍ରେଡ ୟୁନିୟନ ଦ୍ୱାରା ଧର୍ମଘଟର ଚେତାବନୀ ଦିଆଯାଇଛି । ପ୍ରତିକେନ୍ଦ୍ର ପାଇଁ ଗୃହ ନିର୍ମାଣ, ପୌରପରିଷଦରେ କେନ୍ଦ୍ର ନିମନ୍ତେ ସ୍ଥାନ ନିରୂପଣ, ଅସଂପୂର୍ଣ୍ଣ ଗୃହକୁ ସଂପୂର୍ଣ୍ଣ କରାଯାଇ ବିଜୁଳି, ପାଣି ସଂଯୋଗ କରିବା, କେନ୍ଦ୍ର ଗୁଡିକର ସୀମା ପୁନଃ ନିର୍ଦ୍ଧାରଣ, ମିନି ଅଂଗନୱାଡିକୁ ମୁଖ୍ୟ କେନ୍ଦ୍ରରେ ପରିଣତ କରିବା, ସମସ୍ତଙ୍କୁ ସମାନ ଦରମା ପ୍ରଦାନ, ଛତୁଆର ମାନ ଓ ଓଜନକୁ ପ୍ରତି ଗୁରୁତ୍ୱ, ନିୟମିତ ଗାଉଳ ଯୋଗାଇବା, ଦରଦାମ ବୃଦ୍ଧି ଯୋଗୁଁ ଆର୍ଥୀକ ଅନୁଦାନ ବୃଦ୍ଧି, ସମସ୍ତ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ, ସମସ୍ତଙ୍କୁ ମୋ କୁଡିଆ, ଆବାସ ଯୋଜନା ଅର୍ନ୍ତଭୁକ୍ତ କରିବା, ରେସନ ଦେବା, କାର୍ଯ୍ୟ ଅନୁସାରେ ବର୍ଦ୍ଧିତ ଦରମା ଓ ପେନ୍‌ସନ ଲାଗୁ କରିବା ଇତ୍ୟାଦି ଦାବି କରି ସଭାପତି ଲକ୍ଷ୍ମୀପ୍ରିୟ ଦାସ, ସଂପାଦିକା କଳ୍ପନା ଦେ ଓ ତୃପ୍ତିରାଣୀ ମହାନ୍ତି ଜଳେଶ୍ୱର ବିଡିଓ, ସିଡିପିଓ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି ।

## ଶ୍ରୀ କେ କାମରାଜଙ୍କ ଜନ୍ମ ବାର୍ଷିକୀରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୧୫/୦୭ (ନି.ପ୍ର): ଶ୍ରୀ କେ କାମରାଜଙ୍କ ଜନ୍ମ ବାର୍ଷିକୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏକ ଟ୍ୱିଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ମହାନ ଶ୍ରୀ କେ କାମରାଜଙ୍କୁ ତାଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଉଛି । ରାଷ୍ଟ୍ରର ବିକାଶ ଏବଂ ସାମାଜିକ ସଶକ୍ତିକରଣ ଦିଗରେ ସେ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟରକ୍ଷା ଏବଂ ମହିଳା ସଶକ୍ତିକରଣ ଉପରେ ତାଙ୍କର ଗୁରୁତ୍ୱ ଭାରତବାସୀଙ୍କୁ ପ୍ରେରଣା ଯୋଗାଉଛି ।

# ୟୁ.ଏସ୍.ଆଇ.ପକ୍ଷରୁ ବୃକ୍ଷରୋପଣ

ବାରିପଦା / ରାଇରଙ୍ଗପୁର,୧୫/୦୭ (ନି.ପ୍ର): ୟୁଏସଆଇ ଫାଉଣ୍ଡେସନ୍ ତରଫରୁ ବୃକ୍ଷରୋପଣ ଅଭିଯାନ ରାଜ୍ୟରେ ଚାଲିଥିବା ବେଳେ ରାଜ୍ୟର ବୃହତ ଜିଲ୍ଲା ମୟୂରଭଞ୍ଜର ଜାମଦା ବ୍ଲକ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସର୍ବମୋଟ ୧୦୮ଟି ବୃକ୍ଷ ରୋପଣ କରାଯାଇଛି । ୟୁଏସଆଇ ଫାଉଣ୍ଡେସନର ବୃକ୍ଷରୋପଣ ଅଭିଯାନରେ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ପ୍ରଶ୍ନ କୁମାର ଶତପଥୀ ୯୩ଟି ବାଡ଼ି ବଗିଚାରୁ ଆମ୍ବ, ନିମ୍ବ ଗଛ ସଂଗ୍ରହ କରିଥିଲେ । ବିଦ୍ୟାଳୟର ଗୁରୁଜୀ ଗୁରୁମା ୧୫ଟି ଗଛ ଦାନ ପୂର୍ବକ ସର୍ବ ମୋଟ ୧୦୮ଟି ଗଛ ରୋପଣ କରାଯାଇଛି । ଏଥିରେ ଆମ୍ବ ୫୦ଟି, ନିମ୍ବ ୫୦ଟି ଓ



ଅନ୍ୟାନ୍ୟ ୮ଟି ଗଛ ରୋପଣ କରାଯାଇଛି । ଏହି ଅଭିଯାନରେ ୟୁଏସଆଇ ର ଜିଲ୍ଲା ସଂଯୋଜକ ପ୍ରଶ୍ନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଟୁଡୁଙ୍କ ଉପସ୍ଥିତିରେ ଓ ଅବସର ପ୍ରାପ୍ତ ଶିକ୍ଷକ ପରେଶ ନନ୍ଦ, ରାଜେନ୍ଦ୍ର ମହାନ୍ତ ଗୁରୁଜୀ, ଯଶୋବନ୍ତ ଗୁରୁଜୀ, ଦୀପକ ଗୁରୁଜୀ, ଲିପି ଗୁରୁମା, ବିଦ୍ୟାଳୟର ଅପା ପ୍ରମୁଖ ଯୋଗଦେଇ ଗଛ ରୋପଣ କରିଥିଲେ ।

# ଦୁଇ ଆଇନଜିବୀଙ୍କ ବିୟୋଗରେ ଓକିଲ ସଂଘର ଶୋକ



ବାରିପଦା,୧୫/୦୭ (ନି.ପ୍ର): ଜିଲ୍ଲା ଓକିଲ ସଂଘର ବରିଷ୍ଠ ଓକିଲ ଅମ୍ବୁଜ କୁମାର ପୃଷ୍ଟି ଓ ଯୁବ ଆଇନଜିବୀ ମହେନ୍ଦ୍ର ନାଥ ମାରାଣ୍ଡି ଙ୍କ ଇତିମଧ୍ୟରେ ପରଲୋକ ଘଟିଥିବାରୁ ତାଙ୍କର ଅକାଳ ବିୟୋଗରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଜି ଦିବା ୧୧ ଘଟିକା ସମୟରେ ବାରିପଦା ବାର ସମ୍ମିଳନୀ କକ୍ଷରେ ଏକ ଶୋକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତହୋଇ ଯାଇଛି । ବାରିପଦା ଓକିଲ ସଂଘର ସଭାପତି ଆଇନଜିବୀ ପ୍ରବୀର କୁମାର ବସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସଭାପତି ଆଇନଜିବୀ ସୁଜାତା ମିଶ୍ର, ସମ୍ପାଦକ ବସନ୍ତ କୁମାର ଭୋଳ, ସହସମ୍ପାଦକ ସ୍ୱରୂପ କୁମାର ମିଶ୍ର, କୋଷାଧ୍ୟକ୍ଷ ଅରବିନ୍ଦ ସାହୁ, ବରିଷ୍ଠ ସଦଶ୍ୟ ହିମାଂଶୁ ପରିଡା, ବିଜନ ଦାସ, କୃଷ୍ଣଚନ୍ଦ୍ର ଦାସ, ଶାନ୍ତନୁ ଦାସ, ଗୁରୁପ୍ରସାଦ କରଣ, ଅସୀତ ମହାନ୍ତି, ରଞ୍ଜନ କୁମାର ଦାସ ପ୍ରମୁଖ ବହୁ ଆଇନଜିବୀ ଉପସ୍ଥିତ ରହି ସ୍ୱର୍ଗତଃ ଅମ୍ବୁଜ କୁମାର ପୃଷ୍ଟି ଏବଂ ମହେନ୍ଦ୍ର ନାଥ ମାରାଣ୍ଡିଙ୍କ ଫୋଟଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଉଭୟ ଦିବଂଗତ ଆଇନଜିବୀଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରିବା ସହ ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା ।

# ସୂର୍ଯ୍ୟପୁର ମୌଜାରେ ପ୍ରସ୍ତାବିତ ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲାକୁ ବିରୋଧ

## ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକରେ ତଦନ୍ତ ନିଷ୍ପତ୍ତି




ଭଦ୍ରକ,୧୫/୦୭ (ନି.ପ୍ର): ଭଦ୍ରକ ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଧାମନଗର ନିର୍ବାଚନ ମଣ୍ଡଳୀର ଧୂଷୁରୀ ପଂଚାୟତର ସୂର୍ଯ୍ୟପୁର ମୌଜାରେ ଏକ ପ୍ରସ୍ତାବିତ ଭାରତ ତିଆରି ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଏବଂ ଖୋଲାଯିବାକୁ ଥିବା ଏହି ମଦ ଦୋକାନ ବିରୁଦ୍ଧରେ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ୨ ଟି ପଂଚାୟତର ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଡାକରା ପରେ ଜିଲା ପ୍ରଶାସନ ପକ୍ଷରୁ ଆଜି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଅବକାରୀ ବିଭାଗ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସ, ଗୁଇନ୍ଦା ବିଭାଗ ଡିଏସ୍‌ପି କମଳଲୋଚନ ଭୂୟାଁ, ଧାମନଗର ଡିଏସ୍‌ପି ବିଜୟ କୁମାର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଆନ୍ଦୋଳନର ଡାକରା ଦେଇଥିବା ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଜିଲା କୃଷକ ନେତା ଚନ୍ଦ୍ରଶେଖର ନାୟକ, ହସନାବାଦ ପଂଚାୟତର ସରପଞ୍ଚ ଗୌତମ ନାୟକ, ପୂର୍ବତନ ସରପଞ୍ଚ କମଳାକାନ୍ତ ପୁହାଣ, ସମାଜସେବୀ ବିନୋଦ ବିହାରୀ ନାୟକ, ପ୍ରଦୀପ ଜେନା, ସନ୍ତୋଷ ବିଶ୍ୱାଳ ଓ ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ଧୂଷୁରୀ ପଂଚାୟତରେ ଥିବା ସୂର୍ଯ୍ୟପୁର ମୌଜାର ପ୍ଲଟ୍ ନଂ ୨୪୦୨ / ୩୨୫୬, ଖାତା ନଂ ୭୯୨/୧୪୮ ସ୍ଥାନରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରିଥିଲେ । ସେମାନଙ୍କ ଅଭିଯୋଗ ମୂଳେ ପାଇଆ ସାହି ଠାରୁ ଅସ୍ତକ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱସ୍ଥ ୩୦ ରୁ ୪୦ ଫୁଟ୍ ବ୍ୟବଧାନରେ ପ୍ରସ୍ତାବିତ ଉକ୍ତ ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲାଗଲେ ଏହା ନିକଟରେ ଥିବା ୨ଟି କଲେଜ ଓ ହାଇସ୍କୁଲକୁ ଆସୁଥିବା ଶତାଧିକ ଛାତ୍ରଛାତ୍ରୀ କ୍ଷତିଗ୍ରସ୍ତ ହେବେ । ଏବଂ ୮/୧୦ ଟି ପଂଚାୟତର ଉଭୟ ହିନ୍ଦୁ ଓ ମୁସଲମାନ ବ୍ୟକ୍ତିବିଶେଷ ଉକ୍ତ ରାସ୍ତା ଦେଇ ଯାତାୟତ କରିଆସୁଥିବାବେଳେ ମଦ ଦୋକାନଟି ଖୋଲାଗଲେ ସେଠାରେ ଅସାମାଜିକ ମଦ୍ୟପମାନଙ୍କ ଆଡ୍ଡା ଜମିବା ସହ ଝିଅବୋହୂ, ଛାତ୍ରଛାତ୍ରୀ ଓ ବୃଦ୍ଧବୃଦ୍ଧାମାନେ ସେମାନଙ୍କ ଆକ୍ରୋଶର ସମ୍ମୁଖୀନ ହେବେ । ଏହାଫଳରେ ଉକ୍ତ ସ୍ଥାନରେ ସଦାସର୍ବଦା ଗଣ୍ଡଗୋଳ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେବ । ବିଶେଷକରି ସ୍ଥାନୀୟ ଲୋକେ ସେହି ରାସ୍ତା ଦେଇ ନିଜ ନିଜର ଚାଷଜମିକୁ ଯାତାୟତ କରିଆସୁଥିବାବେଳେ ମଦ ଦୋକାନଟି ଖୋଲାଗଲେ ଚାଷକାର୍ଯ୍ୟରେ ମଧ ବାଧା ଉପୁଜିବ । ଜିଲା ପ୍ରଶାସନ ପକ୍ଷରୁ ଉପସ୍ଥିତ ସମସ୍ତ ପଦାଧିକାରୀ ସେମାନଙ୍କ ଅଭିଯୋଗକୁ ହୃଦୟଙ୍ଗମ କରିଥିଲେ । ଏବଂ ସମସ୍ତଙ୍କ ସହମତି କ୍ରମେ ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଖୁବଶୀଘ୍ର ଜିଲା ଅବକାରୀ ଅଧୀକ୍ଷକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ କ୍ଷେତ୍ରୀୟ ତଦନ୍ତ କରି ଲୋକଙ୍କ ଅଭିଯୋଗର ଶୁଣାଣି ପରେ ଉକ୍ତ ମଦ ଦୋକାନ ଖୋଲାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି । ତେବେ ଉକ୍ତ ମଦ ଦୋକାନ ସେଠାରେ କୌଣସି ପରିସ୍ଥିତିରେ ଖୋଲାଯିବାକୁ ଦିଆଯିବ ନାହିଁ ବୋଲି କୃଷକ ନେତା ଶ୍ରୀ ନାୟକ ଗଣମାଧ୍ୟମକୁ କହିଛନ୍ତି ।

# 'ଓୟୁଜେ'ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର,୧୫/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ପୁନର୍ଗଠିତ ମନ୍ତ୍ରୀମଣ୍ଡଳରେ ରେଳମନ୍ତ୍ରୀ ଭାବେ ସ୍ଥାନ ପାଇଥିବା ବାଲେଶ୍ୱରର ପୂର୍ବତନ ଜିଲାପାଳ ଅଶ୍ୱିନୀ ବୈଷ୍ଣବଙ୍କୁ ନେଇ ବିଭିନ୍ନ ବର୍ଗର ଲୋକେ ବେଶ ଆଶାବାଦୀ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଗଠନର ବାଲେଶ୍ୱର ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ସମ୍ପାଦକ ବିବେକନନ୍ଦ ଦାସ, ଉବାଚକ ମହାନ୍ତି, ରତିକାନ୍ତ ପାତ୍ର, ମାନସ ବିଶ୍ୱାଳ, ମନୋଜ କୁମାର ରାଉଳ, ସତ୍ୟବ୍ରତ ପଣ୍ଡା, ପ୍ରସନ୍ନଜିତ ଆଶ୍, ସୋମନାଥ ସାହୁ, ଅର୍ଦ୍ଧେନ୍ଦୁ କୁମାର ମିଶ୍ର, ଆଲୋକ ବାରିକ, ହିମାଂଶୁ କୁମାର ଦାସ, ରିତେଶ କୁମାର ନାୟକ, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ବାଦିକଙ୍କ ପ୍ରତି ରେଳ ବିଭାଗର ଉପେକ୍ଷା ସମ୍ପର୍କରେ ଅଲୋଚନା କରିଥିଲେ । ପୂର୍ବରୁ ସ୍ୱୀକୃତପ୍ରାପ୍ତ ସାମ୍ବାଦିକଙ୍କୁ ରେଳ ବିଭାଗ ପକ୍ଷରୁ ରେଳ ଯାତାୟତରେ ମିଳୁଥିବା ୫୦ ପ୍ରତିଶତ ରିହାତି ସୁବିଧା ବନ୍ଦ ରହିଥିବା ବେଳେ ତାହାକୁ ପୁନଃ ପ୍ରଚଳନ ନିମନ୍ତେ ସଂଗଠନ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା । ରାଜ୍ୟ ସରକାର ଯେଉଁ ଭଳି ସାମ୍ବାଦିକଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି ସେହିପରି ରେଳ ବିଭାଗ ସମସ୍ତ ସାମ୍ବାଦିକଙ୍କୁ ରେଳ ଯାତାୟତରେ ୫୦ପ୍ରତିଶତ ରିହାତି ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା । ଅନ୍ୟପକ୍ଷରେ ବାଲେଶ୍ୱର ଜିଲାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବାଲେଶ୍ୱର ଜିଲାର ସମସ୍ତ ରେଳ ଷ୍ଟେସନକୁ ଇଷ୍ଟକୋଷ୍ଟ ରେଳରେ ଅନ୍ତର୍ଭୁକ୍ତ କରିବା, ଜଳେଶ୍ୱର - ଦୀଘା ରେଳପଥ ନିର୍ମାଣ, ରୁପସା ବାଙ୍ଗିରିପୋଷି ରେଳ ରୁଟ୍‌ର ବୁଢାମରା ରେଳଷ୍ଟେସନରୁ, ହାଓଡା ମୁମ୍ବଇ ରୁଟ୍‌ର ଚକୁଳିଆ ଷ୍ଟେସନ ପର୍ଯ୍ୟନ୍ତ ରେଳ ଯୋଗାଯୋଗ ସହିତ ଓଡିଶାର ସମସ୍ତ ନିର୍ମାଣଧୀନ ରେଳ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ବାଲେଶ୍ୱର ଶାଖା ପକ୍ଷରୁ ଦାବି କରାଯାଇଛି ।

ବାଲେଶ୍ୱର ଶୁକ୍ରବାର, ୧୬ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମାଲକାନଗିରିରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୧୫/୦୭ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ମାଲକାନଗିରି ଜିଲ୍ଲା ଯୋଜନା କମିଟି ବୈଠକରେ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ କୃଷି, ସ୍ୱାସ୍ଥ୍ୟ, ରାସ୍ତାଘାଟ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ଖାଦ୍ୟଯୋଗାଣ ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାରେ କୋଭିଡ୍ ନିୟନ୍ତ୍ରଣ ଏବଂ ପୂର୍ବ ଯୋଜନା କମିଟି ବୈଠକରେ ଅନୁମୋଦିତ ହୋଇଥିବା ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇବାରେ ଜିଲ୍ଲା ପ୍ରଶାସନ ଭଲ କାର୍ଯ୍ୟ କରିଥିବାରୁ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ଯେଉଁ ବିକାଶମୂଳକ କାର୍ଯ୍ୟ ବାକି ରହିଯାଇଛି ତାହାକୁ ସଂପୂର୍ଣ୍ଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସାଂସଦ ରମେଶ ମାଝୀ, ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲାପାଳ ବିଶାଲ ସିଂ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା କମିଟିର ସମସ୍ତ ସଦସ୍ୟ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର କ୍ରୀଡ଼ା ଛାତ୍ରାବାସ ବୁଲିଯିବା ସହିତ ସେଠାକାର ଅନ୍ତେବାସୀଙ୍କ ସହ କଥା ହୋଇଥିଲେ। ଏଥିସହ ସେଠାରେ ରହିବା, ଖାଦ୍ୟପେୟ, ତାଲିମ ବ୍ୟବସ୍ଥା, କ୍ରୀଡ଼ା ସରଞ୍ଜାମ ଓ ଭିତିଭୂମି ବିଷୟରେ ଆଲୋଚନା କରିଥିଲେ। ଅପରାହ୍ନରେ ମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାରେ ପହଂଚି ଜିଲ୍ଲାର ବିଭିନ୍ନ ଆଇଟି ଭିତିଭୂମି ଓ କ୍ରୀଡ଼ା ଭିତିଭୂମି ବିଷୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅଂଚଳରେ କ୍ରୀଡ଼ାର ବିକାଶ ସହ ତୃଣମୂଳ ସ୍ତରରୁ ଭଲ ଖେଳାଳୀ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବାବେଳେ ଆମକୁ ସେଥି ନେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ କହିଥିଲେ। ଆସନ୍ତାକାଲି ମନ୍ତ୍ରୀ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରିବା ସହ କ୍ରୀଡ଼ା ଭିତିଭୂମି ଏବଂ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବେ।

## ପ୍ରତିଶ୍ରୁତି ରଖିଲେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ବାଲେଶ୍ୱର,୧୫/୦୭ (ନି.ପ୍ର): ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରୁଆଁ ଗାଆଁର ବିଜୁ ମହାରଣା ଏକ ଦୁର୍ଘଟଣା ଦୁଇଟି ଯାକ ହାତଗୋଡ ହରାଇ ଶାରୀରିକ ଅକ୍ଷମ ହୋଇଥିବାରୁ ପାଇ ପ୍ରାୟ ଏକ ମାସ ଆଗରୁ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିରୁଆଁ ଯାଇ ବିଜୁ ମହାରଣାଙ୍କୁ ଭେଟି ଚିକିତ୍ସା ଓ ଆର୍ଥିକ ସହାୟତା କରିଥିଲେ ଓ ଭବିଷ୍ୟତରେ ମଧ୍ୟ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶାରୀରିକ ଅକ୍ଷମ ହେଲେହେଁ ଭିକ୍ଷା ବୃତ୍ତି ବା ପର ଅନ୍ନରେ ନିର୍ଭରଶୀଳ ନହୋଇ ଆତ୍ମନିର୍ଭରଶୀଳ ହୋଇ ସମ୍ମାନର ସହିତ ବଞ୍ଚିବା ପାଇଁ ସହାୟତା ସ୍ୱରୂପ ଏକ ଜେରକ୍ସ ମେସିନ ଦେବାପାଇଁ ସେ ସମୟରେ ମନ୍ତ୍ରୀଙ୍କୁ କହଇଥିଲେ। ପ୍ରତିଶ୍ରୁତି ମୁତାବକ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ବିରୁଆଁ ଗାଆଁକୁ ଯାଇ ଏକ ଜେରକ୍ସ ମେସିନ ବିଜୁ ମହାରଣାଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀ ଯୁକ୍ତ ଷଡ଼ଙ୍ଗୀଙ୍କ ସହିତ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ପରିଦେ ସଦସ୍ୟ ସୀତାରାମ ପ୍ରଧାନ ଓ ବିପିନ ମାରାଣ୍ଡି, ମଣ୍ଡଳ ସଭାପତି ମଳୟ ବିଶ୍ୱାଳ ଓ କ୍ରୀଷ୍ଣାସାହା, ସୁମନ୍ତ ଦାସ, ଆଦିତ୍ୟ ବାରିକ, ସନ୍ତୋଷ ପଣ୍ଡା, ମହେଶ୍ୱର ସ୍ୱାଇଁଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୬୭୦ ବାହନ ଜବତ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୭୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୬୩,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଦିନକରେ ୧୬୮ ନୂଆ ସଂକ୍ରମିତ : ୨୪ଘଣ୍ଟାରେ ୮ ଆକ୍ରାନ୍ତ ମୃତ

ବାଲେଶ୍ୱର,୧୫/୦୭ (ନି.ପ୍ର): ବାଲେଶ୍ୱରରେ ଗତ କିଛିଦିନ ଧରି ଦୈନିକ ସଂକ୍ରମଣ ହାର ହ୍ରାସ ପାଇଥିଲେ ବି ଧୀରେ ଧୀରେ ଦୈନିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାକୁ ନେଇ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୮ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଶୋଭାରାମପୁରରୁ ୫ଜଣ, ନଳମଗଞ୍ଜରୁ ୪, ମାକଲପୁରରୁ ୩, ଆଜିମାବାଦରୁ ୨, ଅଙ୍ଗାରଗଡିଆରୁ ୨ ଓ ଏଡିଏମ ଛକରୁ ୨ଜଣଙ୍କ ସମେତ ଭାସ୍କରଗଞ୍ଜ, ଗୋପାଳଗାଁ, ଆଇଟିଆଇ ଛକ, ପୋଲିସ ଲାଇନ, ସହଦେବଖଣ୍ଟା, ଶ୍ରୀକଣ୍ଠପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୩୨ଜଣ, ବାଲିଆପାଳରୁ ୧୫ଜଣ, ବସ୍ତାରୁ ୨, ଜଳେଶ୍ୱରରୁ ୭,ଖଇରାରୁ ୧୭, ନୀଳଗିରିରୁ ୬, ଔପଦାରୁ ୫, ରେମୁଣାରୁ ୧୧, ସଦରରୁ ୨୮, ସିମୁଳିଆରୁ ୧୬ ଓ ସୋର ବ୍ଲକରୁ ୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୨,୨୬୧ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୩୬ଜଣ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ଏବେ ସୁଦ୍ଧା ଜିଲାରେ ମୋଟ ୩୪,୧୨୩ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧,୭୧୨ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧,୬୦୨ଜଣ ଗୃହ ସଙ୍ଗରୋଧରେ ଏବଂ ୧୨୨ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୫୨ବର୍ଷର ଦୁଇ ଜଣ ଓ ୮୧,୫୦,୫୫, ୪୦ବର୍ଷର ଚାରି ଜଣ ପୁରୁଷ ଏବଂ ୫୮ ଓ ୩୩ ବର୍ଷର ଦୁଇ ଜଣ ମହିଳାଙ୍କୁ ମିଶାଇ ମୋଟ ୮ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୪୮ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟିକା ଅଭାବରୁ ଗତ ସାତ ଦିନ ଧରି ବାଲେଶ୍ୱରରେ ସାମୂହିକ ଟିକାକରଣ ବନ୍ଦ ରହିଥିବା ବେଳେ ୧୬ ତାରିଖରେ ଦିନକ ପାଇଁ ପରୀକ୍ଷାମୂଳକ ଭାବେ ଅନଲାଇନ ପଞ୍ଜୀକରଣ ଭିତ୍ତିରେ ଆରମ୍ଭ ହେବାକୁ ଯାଉଛି । ଜିଲାର ୮୮ କେନ୍ଦ୍ରରେ ଉଭୟ ୧୮ରୁ ୪୪ ଓ ୪୫ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଅନଲାଇନରେ ପଞ୍ଜୀକରଣ କରି ଟିକାନେବା ନେଇ ବ୍ୟବସ୍ଥା କରାଯାଇଛି।

## ଡ୍ରଗ୍ସ ଇନସ୍ପେକ୍ଟରଙ୍କ ଡ୍ରାଇଭରର ଆକ୍ରମଣରେ ଗୁରୁତର ମହିଳା ପିଅନ



ବାଲେଶ୍ୱର,୧୫/୦୭ (ନି.ପ୍ର): ସଦର ଡ୍ରଗ୍ସ ନିରୀକ୍ଷକଙ୍କ ଗାଡ଼ି ଡ୍ରାଇଭରର ଆକ୍ରମଣରେ ଗୁରୁତର ମହିଳା ପିଅନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡ୍ରଗ୍ସ ଇନସ୍ପେକ୍ଟର ଆଜି କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ବେଳେ ମହିଳା ପିଅନ ଜଣକ ଅଫିସର ତାଲା ଲଗାଇ ଭିତର ରୁମରେ ଥିଲେ। ଅପରାହ୍ନରେ ଡ୍ରାଇଭର ଜଣକ ପହଞ୍ଚି କବାଟ ଖୋଲିବାକୁ ଡାକିବା ସହ ଇନସ୍ପେକ୍ଟରଙ୍କ ନିର୍ଦ୍ଦେଶ କ୍ରମେ ସେ ଗାଡ଼ି ପାଇଁ ମୋବିଲ ଡବା ନେବାକୁ ଅସିଛି ବୋଲି କହିଥିଲେ। ଏହା ଶୁଣିବା ପରେ ପିଅନ ଜଣକ କବାଟ ଖୋଲବା କ୍ଷଣି ଡ୍ରାଇଭର ରୁମ ଭିତରକୁ ଧସେଇ ପଶିବା ସହ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ପିଅନ ଜଣକ ଆହତ ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ପହଞ୍ଚିବା ଦେଖି ଡ୍ରାଇଭର ସେଠାରୁ ଉଭାନ ହୋଇଯାଇଥିଲା। ତାଙ୍କୁ ଲୋକେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପିଅନଙ୍କ ମୁଣ୍ଡରେ ଏକାଧିକ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରିନଥିବା ଜଣାପଡ଼ିଛି।

## ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ୬ ଘଣ୍ଟିଆ ଓଡ଼ିଶା ବନ୍ଦ




ବାଲେଶ୍ୱର,୧୫/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ତୈଳଦର ବୃଦ୍ଧିକୁ ବିରୋଧରେ ଆୟୋଜିତ୬ ଘଣ୍ଟିଆ ଓଡ଼ିଶା ବନ୍ଦ ବାଲେଶ୍ୱରରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ସକାଳେ ପର୍ଯ୍ୟାୟ କ୍ରମେ ସିପିଆଇ-ସିଆଏମ ଓ କଂଗ୍ରେସର କର୍ମୀ ତଥା ସମର୍ଥକମାନେ ରେଳରୋକରୁ ଆରମ୍ଭ କରିଥିଲେ ବନ୍ଦ ପାଳନ। କୋଲକାତା ଯାଉଥିବା କରୋମଣ୍ଡଳ ଏକ୍ସପ୍ରେସ ଟ୍ରେନ୍‌କୁ ଦୀର୍ଘ ସମୟ ଧରି ବାଲେଶ୍ୱର ଷ୍ଟେସନରେ ଅଟକିବାକୁ ପଡ଼ିଥିଲା। ସେହିଭଳି ଜିଲାର ଅନ୍ୟାନ୍ୟ ଷ୍ଟେସନଗୁଡ଼ିକରେ ମଧ୍ୟ ଏକାଧିକ ଟ୍ରେନ୍ ଅଟକି ରହିବା ଫଳରେ ଟ୍ରେନ ଚଳାଚଳ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବ୍ୟାହତ ହୋଇଥିଲା। ଏହି ବନ୍ଦ ପାଳନ ବେଳେ ସହରର ଟ୍ରକ୍, ଟ୍ରେକର, ଅଟୋ ପ୍ରଭୃତି ଚଳାଚଳ ବନ୍ଦ ରହିଥିଲା। ପରେ ରାଜନୈତିକ ଦଳର କର୍ମୀ ଓ ନେତାମାନେ ଦଳ ଦଳ ହୋଇ ସହରର ବିଭିନ୍ନ ଅଞ୍ଚଳ ବୁଲି ଦୋକାନ ବଜାର ବନ୍ଦ କରିଥିଲେ। ଲାକଡାଉନ କଟକଣା ଯୋଗୁଁ ଦିନ ୨ଟା ପର୍ଯ୍ୟ ଦୋକାନ ଖୋଲିବାକୁ ଅନୁମତି ଥିବା ଏବଂ ଦିନ ୧୨ଟା ଯାଏ ବନ୍ଦ ଡାକରା ଦିଆଯାଇଥିବାରୁ ଅଧିକାଂଶ ଦୋକାନ ଆପଣାଛାଏଁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ପ୍ରାୟ ୧୦ ଟା ବେଳେ କର୍ମୀମାନେ କୋର୍ଟ, ବ୍ୟାଙ୍କ ସମେତ ସହରର ସମସ୍ତ ସରକାରୀ ଓ ବେସରକାରୀ ଅଫିସ ଆଗରେ ପିକେଟିଂ ସହିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ। ବାଲେଶ୍ୱର ସହରର ଏକାଧିକ କୋର୍ଟ, ବିଭିନ୍ନ ବ୍ୟାଙ୍କ, ତହସିଲ, ସବ-ରେଜିଷ୍ଟ୍ରାର ଅଫିସ, ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ଏକପ୍ରକାର କର୍ମଚାରୀ ଶୂନ୍ୟ ଭଳି ଅନୁଭୁତ ହୋଇଥିଲା। ଲକାଡାଉନ କଟକଣା ଯୋଗୁଁ ସୀମିତ ସମୟ ପାଇଁ ଦୋକାନ ବଜାର ଖୋଲା ରହୁଥିବା ବେଳେ ଏହି ବନ୍ଦ ପାଳନ ପ୍ରଭାବରେ ଲୋକେ ନାନା ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିପରି ଆନ୍ଦୋଳନକାରୀ ଜାତୀୟ ରାଜପଥ ଅବରୋଧ କରିବା ଯୋଗୁଁ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସିପିଆଇ,ସିପିଏମ ଓ କଂଗ୍ରେସର ଗୌରାଙ୍ଗ ପାଣିଗ୍ରାହୀ, ଶିଶିର ହୁଇ, ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ପ୍ରେମରଂଜନ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ବନ୍ଦନା ପାତ୍ର, ଯତୀନ ପାତ୍ର, ଶ୍ୟାମସୁନ୍ଦର ଜେନା, ତପନ ସିଟ, ନିରଞ୍ଜନ ପରିଡ଼ା, ମନ୍ମଥ ପରିଡା, ପ୍ରମୋଦ କୁମାର ମୁର୍ମୁ, ଉମାକାନ୍ତ ବାହାଦୁର, ସନା ମାଝୀ, ସଂଜୀବ ଗିରି, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପାରମିତା ମହାନ୍ତି, ରଞ୍ଜନ ଦାସ, ବିକାଶ ଦାସ, ଜ୍ୟୋସ୍ନା ସେନାପତି ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମୀ ଓଡ଼ିଶା ବନ୍ଦକୁ ବାଲେଶ୍ୱରରେ ସଫଳ କରିବାକୁ ଉଦ୍ୟମ ଜାରି ରଖିଥିଲେ। ତୈଳଦର ବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣ ଦୁର୍ବିସହ ହୋଇ ପଡ଼ିଥିବା ବେଳେ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର ପାଇଁ ବିଭିନ୍ନ ଦଳର ନେତାମାନେ ଦାବି-କରିଥିଲେ। ନତୁବା ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତବନୀ ଦେଇଥିଲେ। ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବିହୀତ ପଦକ୍ଷେପ ନିଆଯଇଥିଲା।

## ବାଲିଆପାଳ ଝିଅ ଶୁଭସ୍ମିତାଙ୍କ ଆମେରିକା ଗ୍ରସ୍ତ



ବାଲିଆପାଳ,୧୫/୦୭ (ନି.ପ୍ର): ବାଲିଆପାଳ ଥାନା ହାସିମପୁର ଗ୍ରାମର ଡ.ଶୁଭସ୍ମିତା ମହାନ୍ତି ଅଧିକ ଗବେଷଣା ପାଇଁ ଏବେ ଆମେରିକା ଯାତ୍ରା କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ବାୟୋଟେକ୍‌ନୋଲୋଜିରେ ଗବେଷଣା କରି ଡକ୍ଟରେଟ ଉପାଧି ପାଇବା ପରେ ଆମେରିକାର ନ୍ୟାସନାଲ ଜୁଇସ ହସପିଟାଲ ଏଣ୍ଡ ରିସର୍ଚ୍ଚ ସଂସ୍ଥାରୁ ଶୁଭସ୍ମିତା ଆମନ୍ତ୍ରଣ ପାଇଥିଲେ। ସେଠାରେ ସେ ପୋଷ୍ଟ ଡକ୍ଟୋରାଲ ରିସର୍ଚ୍ଚ ଏସୋସିଏଟ ଭାବେ ୩ ବର୍ଷ କାର୍ଯ୍ୟ କରିବେ । ଶିକ୍ଷକ ନେତା ଜଗନ୍ନାଥ ମହାନ୍ତି,ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ମହାପାତ୍ରଙ୍କ ଜ୍ୟୋଷ୍ଠା କନ୍ୟା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସେ ଝିଆରୀ ଅଟନ୍ତି । ବାସୁଦେବପୁର ବିଡିଓ ପ୍ରଣବ କୁମାର ବେହେରାଙ୍କ ସେ ମଧ ଧର୍ମପତ୍ନୀ ଅଟନ୍ତି । ଶୁଭସ୍ମିତାଙ୍କ ଆମେରିକା ଗ୍ରସ୍ତକୁ ନେଇ ତାଙ୍କ ପରିବାର ଓ ଗ୍ରାମର ଲୋକମାନେ ଖୁସି ବ୍ୟକ୍ତ କରିଛନ୍ତି ।

## ଦକ୍ଷିଣ ମୋଡ ପୂର୍ବରୁ ରଥକୁ ଯାଂଚ କଲା ବୈଷୟିକ କମିଟି

ପୁରୀ,୧୫/୦୭ (ନି.ପ୍ର): ଆସନ୍ତା ୧୭ ତାରିଖ ଦିନ ତିନି ରଥର ଦକ୍ଷିଣ ମୋଡ ହେବ। ଏହା ପୂର୍ବରୁ ବୈଷୟିକ କମିଟି ପକ୍ଷରୁ ରଥ ଗୁଡିକ ଯାଂଚ କରାଯାଇଛି। ଯାଂଚ ସମୟରେ ପ୍ରଭୁ ବଳଭଦ୍ର ଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରା ଙ୍କ ଦର୍ପଦଳନ ରଥ ର ଗୋଟିଏ ଲେଖାଏଁ ଚକ ରେ ସାମାନ୍ୟ ଫାଟ ଦେଖିବାକୁ ମିଳିଥିଲା। ସେହିପରି ମହାପ୍ରଭୁ ଜଗନ୍ନାଥ ଙ୍କ ନନ୍ଦିଘୋଷ ରଥର ପ୍ରଭା ରେ ଫାଟ ରହିଥିବା ଜଣାଯାଇଥିଲା। ତିନି ରଥରେ ଦେଖାଦେଇଥିବା ଏହି ଫାଟକୁ ମରାମତି କରାଯାଉଛି। ପୂର୍ବତଟ ରେଳବାୟୀ ର ସ୍ୱତନ୍ତ୍ର ଟେକନିକାଲ ଟିମ୍ କ୍ଷତିଗ୍ରସ୍ତ ଅଂଶ କୁ ଜଗ୍ ଲଗାଇ ଟେକି ଧରିବା ଫଳରେ ମରାମତି କାର୍ଯ୍ୟ ସହଜ ହୋଇଛି। ୧୦ ଜଣ ମହାରଣା, ୬ଜଣ ଭୋଇ ସେବକ ଓ ୩ଜଣ କମାର ସେବକ ଏହାର ମରାମତି କାର୍ଯ୍ୟ କରୁଛନ୍ତି।

## ଚିଟ୍‌ଫଣ୍ଡ ମାମଲାରେ ସି.ବି.ଆଇ ଚଢାଉ



ଜଳେଶ୍ୱର ୧୫/୭(ନିପ୍ର) : ଦୀର୍ଘ ୭ବର୍ଷ ପରେ ଆଜି ଭୁବନେଶ୍ୱର କାର୍ଯ୍ୟାଳୟରୁ ସିବିଆଇ ଡିଏସ୍‌ପି ଅଶୋକ କୁମାରଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ହଠାତ୍ ଜଳେଶ୍ୱରରେ ଆସି ପହଞ୍ଚିଲେ । ଜଳେଶ୍ୱର ପୁଲିସ୍ ସହାୟତାରେ ମିର ସୈମତ୍ ଓରଫ କାଲୁ, ମିର୍ ଜମିରୁଦ୍ଦିନ ଓରଫ ବୁଜାକୁ ଥାନାକୁ ନେଇଥିଲେ । ସେଠାରେ ଦୀର୍ଘଘଣ୍ଟା ଅଟକ ରଖି ପଚରାଉଚରା କରିବାପରେ ଭୁବନେଶ୍ୱର ନେଇଯାଇଥିବା ଜଣାଯାଇଛି । ଘଟଣା ପ୍ରଘଟ ହେବାପରେ ଜଳେଶ୍ୱର ଥାନା ପରିସର ଲୋକାରଣ୍ୟ ହୋଇ ଉଠିଥିଲା । ଏଥିରେ ସଂଶ୍ଳିଷ୍ଟ ଥିବା ଏ ଅଂଚଳର କେତେକ ବ୍ୟକ୍ତିଙ୍କ ମଧ୍ୟରେ ଏବେ ପୁଣି ଛନକା ପଶିଛି । ଜମା ରଖିଥିବା ଅର୍ଥ କେବେ ଫେରସ୍ତ ପାଇବ ସେଥିନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି ।

## ଓଡିଶାର ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ କୋଭିଡ୍‌କୁ ପରାସ୍ତ କରିବା ପାଇଁ କୋଭିଡ୍ ସୁରକ୍ଷିତ ଆଚରଣ ଓ ଟିକାକରଣ ଏକମାତ୍ର ଉପାୟ




ମୟୁରଭଞ୍ଜ/ ନବରଙ୍ଗପୁର,୧୫/୦୭ (ନି.ପ୍ର): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ ୟୁନିସେଫ୍ ଓଡିଶା ଦ୍ୱାରା ମୟୁରଭଞ୍ଜ/ ନବରଙ୍ଗପୁର/ କେଉଁଝର ଜିଲ୍ଲାରେ କୋଭିଡ୍ ଏବଂ ଟୀକାକରଣ ଉପରେ ଏକ ଭର୍ଚୁଆଲ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜୀନ୍ଦ୍ର ଚୌଧୁରୀ, ପ୍ରେସ୍ ସୂଚନା ବ୍ୟୁରୋ ଏବଂ ଆଂଚଳିକ ଆଉଟ୍‌ରିଚ୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ, ଭୁବନେଶ୍ୱର, ଅଖିଲ୍ କୁମାର ମିଶ୍ର, ଆଂଚଳିକ ଆଉଟ୍‌ରିଚ୍ ବ୍ୟୁରୋ ନିର୍ଦ୍ଦେଶକ, ଭୁବନେଶ୍ୱର, ଡ. ପ୍ରଣତିନୀ ନାୟକ, (ଏଡିପିଏଚ୍‌ଓ) ଏଫ୍‌ଡବ୍ଲ୍ୟୁ, କେଉଁଝର, ଡ. ସୁନନ୍ଦା ମିଶ୍ର, (ଏଡିପିଏଚ୍‌ଓ) ଏଫ୍‌ଡବ୍ଲ୍ୟୁ, ମୟୁରଭଞ୍ଜ, ଡ. ପ୍ରତିଭା ପ୍ରଧାନ, ଯୁଗ୍ମ ନିର୍ଦ୍ଦେଶକ(ଶିଶୁ ସ୍ୱାସ୍ଥ୍ୟ), ଡ. ମୀନା ସୋମ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ରାଧିକା ଶ୍ରୀବାସ୍ତ, ୟୁନିସେଫ୍ ଓଡିଶାର ଯୋଗାଯୋଗ ବିଶେଷଜ୍ଞ ଏବଂ ଡ. ଅନିଲ୍ ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ୟୁନିସେଫ୍ ଓଡିଶା ଆଦି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଭିଡ୍‌ର ଉପଯୁକ୍ତ ଆଚରଣ ଏବଂ ଅଧିକ ଲୋକଙ୍କୁ ଟୀକାକରଣ ପ୍ରତି ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୟୁନିସେଫ୍ ଓଡିଶାର ଯୋଗାଯୋଗ ବିଶେଷଜ୍ଞ, ରାଧିକା ଶ୍ରୀବାସ୍ତ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ, ବିଭ୍ରାନ୍ତିକର ସୂଚନା ଏବଂ ଗୁଜବ ଲୋକମାନଙ୍କ ମଧ୍ୟରେ ଟୀକାକରଣ ପାଇଁ ଦ୍ୱନ୍ଦ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସଠିକ୍ ତଥ୍ୟ ପ୍ରକାଶ କରିବା ଓ ଟିକା ଉପରେ ଲୋକଙ୍କ ବିଶ୍ୱାସକୁ ଦୃଢିଭୁତ କରିବା ପାଇଁ ଏକ ସକାରତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ସେ ଗଣମାଧ୍ୟକୁ ଅନୁରୋଧ କରିଛନ୍ତି। ଅଖିଲ୍ କୁମାର ମିଶ୍ର, ଆଂଚଳିକ ଆଉଟ୍‌ରିଚ୍ ବ୍ୟୁରୋ ନିର୍ଦ୍ଦେଶକ ପରିବନ ଆବଶ୍ୟକତା ଉପରେ ଆଧାର କରି ଯୋଗାଯୋଗର ପରିବନ ପଦ୍ଧତି ବିଷୟରେ କହିଥିଲେ। ବିଶେଷକରି ସଂକଟ ସମୟରେ ସଠିକ୍ ଏବଂ ରଣନୈତିକ ଯୋଗାଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କୋଭିଡ୍ ଟୀକା ଆଦିବାସୀ ଜନତାଙ୍କ ନିକଟରେ ପହଞ୍ଚାଇବାର ଉପାୟ ଉପରେ ଗୁରୁତ୍ୱାରୋପ କରି ରାଜୀନ୍ଦ୍ର ଚୌଧୁରୀ, ପ୍ରେସ୍ ସୂଚନା ବ୍ୟୁରୋ ଏବଂ ଆଂଚଳିକ ଆଉଟ୍‌ରିଚ୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ, କହିଥିଲେ ଯେ, "ଆଦିବାସୀ ସମ୍ପ୍ରଦାୟର ଏକ ଭିନ୍ନ ଜୀବନ ଶୈଳୀ ରହିଛି ଏବଂ ଏହା ଆମକୁ ବୁଝିବା ଆବଶ୍ୟକ। ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶାଙ୍କ ସହାୟାତାରେ ଆମେ ସେମାନଙ୍କ ସହିତ ଯୋଗାଯୋଗ କରିବା ଏବଂ ସେମାନଙ୍କୁ ଟୀକାକରଣ ବିଷୟରେ ଅବଗତ କରିବା ସହିତ ସେମାନଙ୍କର ଟୀକା ଦ୍ୱନ୍ଦ ଦୂର କରିବା ଉଚିତ୍।" ସେ ଆହୁରି ମଧ କହିଛନ୍ତି ଯେ, "ବ୍ରିଟେନ୍ ଏବଂ ଆମେରିକା ଭଳି ଦେଶରୁ ଆମେ ଏକ ସଂକେତ ନେଇପାରିବା, ଯେଉଁଠାରେ ସଂକ୍ରମିତ ଲୋକଙ୍କ ସଂଖ୍ୟା ଅଧିକ ଥାଇ ମଧ ସେଠାରେ ସଂପୂର୍ଣ୍ଣ ଟୀକାକରଣ ହୋଇଥିବାରୁ ଅଧିକାଂଶ ମାମଲା ସାମାନ୍ୟ ହୋଇଥାଏ। ଆମକୁ ନିଶ୍ଚିତ କରିବାକୁ ପଡିବ ଯେ, ଟୀକାକରଣକୁ ବୃଦ୍ଧି କରିବା ଯାଦ୍ୱାରା ତୃତୀୟ ତରଙ୍ଗ ପ୍ରଭାବ ପକାଇପାରିବ ନାହିଁ।" ଭୌଗଳିକ ପରିସ୍ଥିତି, କମ୍ ସାକ୍ଷରତା ହାର ଏବଂ ଟୀକାକରଣର ନିରାପ ଓ କାର୍ଯ୍ୟକାରିତା ଉପରେ ଥିବା ଭୁଲ୍ ଧାରଣାକୁ ଦୃଷ୍ଟିରେ ରଖି ମୟୁରଭଞ୍ଜ/ ନବରଙ୍ଗପୁର/ କେଉଁଝର ପରି ଆଦିବାସୀ ବହୁଳ ଜିଲ୍ଲାରେ ସଚେତନତାକୁ ବୃଦ୍ଧିକରିବା ପାଇଁ ଗଣମାଧ୍ୟକୁ ଗୁରୁତ୍ୱାରୋପ କରିବା ସହିତ ସେମାନେ ସଠିକ୍ ତଥ୍ୟ ପ୍ରକାଶ କରିବା ଓ ଟିକା ଉପରେ ଲୋକଙ୍କ ବିଶ୍ୱାସକୁ ଦୃଢିଭୁତ କରିବା ପାଇଁ ଏକ ସକାରତ୍ମକ ଭୂମିକା ଗ୍ରହଣ କରିବାକୁ କହିଥିଲେ। ୟୁନିସେଫ୍ ଓଡିଶାର ଡ. ଅନିଲ ପଟ୍ଟନାୟକ କୋଭିଡ୍‌ର ପ୍ରଭାବ ବିଷୟରେ କହିଛନ୍ତି ଯେ, "ଏକାଧିକ ଜଟିଳ ରୋଗରେ ପୀଡିତ ଥିବା ବ୍ୟକ୍ତି, ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତି ଏବଂ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ କୋଭିଡ୍ ବହୁତ କ୍ଷତିକାରକ ଅଟେ। ମାତ୍ର ୫% ଲୋକ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ହେତୁ ଗୁରୁତର ଭାବରେ ଏହି ରୋଗରେ ପୀଡିତ ହେଉଛନ୍ତି। ଦ୍ୱିତୀୟ ଲହରରେ ଏହା ମଧ ସ୍ପଷ୍ଟ ହୋଇଛି ଯେ ଅଧିକାଂଶ ଯୁବକମାନେ ଏବେ କୋଭିଡ୍‌ରେ ପ୍ରଭାବିତ ହେଉଛନ୍ତି। କୋଭିଡ୍ ପରବର୍ତୀ ଯତ୍ନ ଏବଂ ଅମ୍ଳଜାନ ସ୍ତରରେ ଉନ୍ନତିର ବିଭିନ୍ନ ଦିଗ ଉପରେ ମଧ ସେ ଆଲୋଚନା କରିଥିଲେ।

## ଅନାଥ ଜ୍ୟୋତିଶ୍ରୀଙ୍କ ପାଇଁ ଲମ୍ୱୁଛି ସହାୟତାର ହାତ



ବାଲିଆପାଳ,୧୫/୦୭ (ନି.ପ୍ର): ବାପା ମା ଛେଉଣ୍ଡ ଜ୍ୟୋତିଶ୍ରୀଙ୍କ ବିଷୟରେ ଖବର ପ୍ରସାରଣ ପରେ ଏବେ ତାଙ୍କ ପାଖକୁ ସହାୟତାରେ ହାତ ଲମ୍ୱିବାରେ ଲାଗିଛି । ବୁଧବାର ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ତାଙ୍କ ଘରେ ପହଂଚି ମାର ଶୁଦ୍ଧିକ୍ରିୟା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ଜ୍ୟୋତିଶ୍ରୀଙ୍କୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରି ତାର ନାଳନ ପାଳନ ଓ ପାଠପଢାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଛନ୍ତି । ସନ୍ଧ୍ୟାରେ ବିଶିଷ୍ଟ ରିତ୍ୱିକ ଜଳେଶ୍ୱର ସତସଙ୍ଗ ମୁଖ୍ୟ ଅଧ୍ୟାପକ କେଦାର ମହାନ୍ତି ତାଙ୍କ ଘରେ ପହଂଚି କିଛି ରେଶନ ସାମଗ୍ରୀ ସହ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆଜି ସ୍ୱେଚ୍ଛାସେବୀ ସଂଗଠନ ମେ ଆଇ ହେଲ୍ପ ୟୁ ପକ୍ଷରୁ ଏହାର ସଭାପତି ମାନସ ରଞ୍ଜନ ଧଳ,ଉପସଭାପତି ସୁଜିତ କାମିଳା,ବିଶ୍ୱଜିତ କରଣ,କାଳୀଚରଣ ଦାସ ପ୍ରମୁଖ ତାଙ୍କ ଘରେ ପହଂଚି ସଂଗଠନର ସଦସ୍ୟମାନଙ୍କର କିଛି କିଛି ଆର୍ଥିକ ସହାୟତାରେ ଜ୍ୟୋତିଶ୍ରୀଙ୍କ ପାଠପଢା ଖର୍ଚ୍ଚ ପାଇଁ ୧୧ ହଜାର ୧ଶହ ୧୧ ଟଙ୍କାର ଚେକ ଏବଂ ୩ ମାସର ରେସନ ସାମଗ୍ରୀ ପ୍ରଦାନ କରିଥିଲେ। ସଂଗଠନର ଏହି ମହତ କାର୍ଯ୍ୟରେ ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ ମଧ ସହଯୋଗ କରିଥିଲେ । ସଂଗଠନର ଏପରି ମହାନ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି। ସୂଚନା ଯୋଗ୍ୟ ଯେ ଜ୍ୟୋତିଶ୍ରୀ ଜନ୍ମ ହେବା ପୂର୍ବରୁ ତାଙ୍କ ବାପା ମଧୁସୂଦନ ପରିଡା କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଗତ ୧୦ ତାରିଖରେ ତାଙ୍କ ମା ନୟାବାଲି-୨ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ରେବତୀ ପରିଡା କରୋନାରେ ମୃତ୍ୟୁ ବରଣ କରିଛନ୍ତି । ଯେଉଁମାନେ ତାଙ୍କୁ ଜୀବନ ଜିଇଁବାର ବାଟ କଢାଇ ଥାନ୍ତେ ସେମାନେ ଅଧା ବାଟରୁ ବାହୁଡି ଯାଇ ତାଙ୍କୁ ବାପା ମା ଛେଉଣ୍ଡ କରିଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo